◆ Bhubaneswar, February 1-15, 2026
◆ ଭୁବନେଶ୍ୱର, ଫେବୃଆରୀ ୧-୧୫, ୨୦୨୬
◆ Vol. -09 ◆ Issue -04
◆ ଭାଗ-୦୯ ◆ ସଂଖ୍ୟା-୦୪
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY
RNI Regd. No.: ODIODI/2017/74065
email: pratishabda7@gmail.com

ପ୍ରତିଶବ୍ଦ
The Pratishabda

## ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ବି ଟାଙ୍କିରେ ମିଳିବ ତେଲ

**କଟକ:** ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଟାଙ୍କିରେ ଗାଡ଼ିକୁ ତେଲ ପକାଇବାକୁ ଅନୁମତି ନ ଦେବା ସଂପର୍କିତ ସରକାରୀ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଅନ୍ୟପଟେ ପଦୂଷଣ ପରୀକ୍ଷା ପାଇଁ ପିୟୁସି କେନ୍ଦ୍ରକୁ ଯାଉଥିବା ଗାଡ଼ିଗୁଡ଼ିକ ପୂର୍ବରୁ ରହିଥିବା ଚାଲାଣ ପୈଠ କରିବା ପାଇଁ ବାଧ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଚାଲାଣ ଥିଲେ ମଧ୍ୟ ଗାଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ମିଳିବାରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ତାହା ସୁନିଶ୍ଚିତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏ ନେଇ ପରିବହନ ପୋର୍ଟାଲରେ ରହିଥିବା ବ୍ୟବସ୍ଥାରେ ସଂଶୋଧନ କରି ଜନସାଧାରଣଙ୍କୁ ଅବଗତ କରିବା ପାଇଁ ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏହି ପ୍ରସଙ୍ଗରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ଅବଗତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ କରିବାର ଲକ୍ଷ୍ୟ ରଖିଛନ୍ତି ସରକାର : ମୁଖ୍ୟମନ୍ତ୍ରୀ

(ଜୀତେନ୍ଦ୍ର ପତି)

ଭୁବନେଶ୍ୱର : ଓଡିଶାର ସର୍ବ ବୃହତ ମହିଳା କୈନ୍ଦ୍ରିକ କଲ୍ୟାଣ ଯୋଜନା ସୁଭଦ୍ରାର ପ୍ରାୟ ୪ଲକ୍ଷ ୫୭ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୧୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ, ସୁଭଦ୍ରା ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଅବଶିଷ୍ଟ ଏବଂ ତୃତୀୟ କିସ୍ତି ପାଇନଥିବା ହିତାଧିକାରୀଙ୍କୁ ଏବଂ ନୂତନ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାର୍ଷିକ ୧୧ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା 'ସୁଭଦ୍ରା' ହେଉଛି ସ୍ୱାଧୀନତା ପରବର୍ତୀ ଓଡିଶାର ସର୍ବବୃହତ ମହିଳା କୈନ୍ଦ୍ରିକ ଯୋଜନା, ଯେଉଁଥିରେ ୨୧ ରୁ ୬୦ବର୍ଷ ବୟସର ୧କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୫ବର୍ଷ ମଧ୍ୟରେ ବାର୍ଷିକ ୧୦ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ, ମୋଟ ୫୦ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ସେଇଥିପାଇଁ 'ସୁଭଦ୍ରା' ଓଡିଶାର ସମସ୍ତ ମା' ଭଉଣୀଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଜ୍ୱଳନ୍ତ ନିଦର୍ଶନ। ଆମ ସରକାର ଆସିବା ମାତ୍ରେ ପ୍ରଥମଦିନରେ ହିଁ ଏଥିପାଇଁ କ୍ୟାବିନେଟରେ ନିଷ୍ପତି ହୋଇ ସେପ୍ଟେମ୍ବର ୧୭, ୨୦୨୪ ତାରିଖର ପ୍ରଥମ କିସ୍ତି ଦିଆଯାଇଥିଲା। ସୁଭଦ୍ରା ଯୋଜନାର ଶୁଭାରମ୍ଭ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭବ୍ୟ ଉପସ୍ଥିତିରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିଲା ଏବଂ ଅଦ୍ୟାବଧି, ଏକ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୧୫ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରି ସାରିଲୁଣି। ଏହି ଦୁଇଟି କିସ୍ତିକୁ ପ୍ରତି ବର୍ଷ ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା କ୍ରମଶ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳା ସଶକ୍ତିକରଣ ଓ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବିତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ। ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ପରିବାର ଏବଂ ସମାଜରେ ତାଙ୍କର ସ୍ୱର ଅଧିକ ଶକ୍ତିଶାଳୀ ହୋଇଯାଏ। ସେ ନିଷ୍ପତି ନେଇପାରନ୍ତି, ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି ଏବଂ ସାହସର ସହିତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି। ସୁଭଦ୍ରା ଯୋଜନା ଆପଣଙ୍କୁ ସେହି ଆତ୍ମବିଶ୍ୱାସ (ପୃଷ୍ଠା-୪ ଦେଖନ୍ତୁ)




## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

# ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ( ସ୍ୱ ପ୍ର)- ଗତ ୧୮ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉନ୍ମୋଚିତ ହୋଇଛି ରାଜ୍ୟସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ'। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ଆବାସିକ କାର୍ଯ୍ୟାଳୟ ଠାରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଏବଂ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ।ସୂଚନା ଯୋଗ୍ୟଯେ, 'ପ୍ରଗତି ପ୍ରବାହ'ର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ।

'ଆମ ସରକାର ଚାଷୀ ମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ଙ୍କ 'ଆତ୍ମନିର୍ଭରଶୀଳ ଭାରତ' ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶି ଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, B.Sc (Physics), MBA ଏବଂ Mechanical Engineering ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନକରି ନିଜ ମାଟିରେ ସୁନା ଫଳାଇବା ନିଶାରେ ଶ୍ରୀ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ଯଥା Drip Irrigation ଓ Mulching ପଦ୍ଧତିରେ ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ (ପୃଷ୍ଠା-୪ ଦେଖନ୍ତୁ)





ସାଧାରଣତନ୍ତ୍ର ଦିବସରେ ୪୨ ପୁଲିସ୍ ଅଧିକାରୀଙ୍କୁ ମିଳିଲା ପଦକ ।

# ଆଗୁଆ ନୁହେଁ, ନିର୍ଦ୍ଧାରିତ ସମୟରେ ହେବ ପଞ୍ଚାୟତ ନିର୍ବାଚନ



ଭୁବନେଶ୍ୱର: ନିର୍ଦ୍ଧାରିତ ସମୟରେ ହେବ ପଞ୍ଚାୟତ ନିର୍ବାଚନ। ୫ ବର୍ଷ କାର୍ଯ୍ୟକାଳ ସରିଲେ ହେବ ପଞ୍ଚାୟତ ନିର୍ବାଚନ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିସନର। କମିସନରଙ୍କ ଏହି ସୂଚନା ପରେ,ପଞ୍ଚାୟତ ନିର୍ବାଚନକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି।ସେ କହିଛନ୍ତି ଯେ ସମୟ ଆସିଲେ ପଞ୍ଚାୟତ ନିର୍ବାଚନ ନେଇ ନିଷ୍ପତ୍ତି ହେବ। ପଞ୍ଚୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସବଡିଭିଜନ ସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି। ଜିଲ୍ଲାପାଳଙ୍କ ସହ ବୈଠକ ହୋଇଛି। ବୁଥ୍,ବାଲାଟ ବକ୍ସ ସହ ଯାହା ଆବଶ୍ୟକ, କାମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁସବୁ ସ୍ତରରେ କାମ ହେବା କଥା ହେବ। ପଞ୍ଚାୟତ ନିର୍ବାଚନକୁ ଅଳ୍ପ ସମୟ ଥିବାରୁ ଉପନିର୍ବାଚନ ପାଇଁ ନିଷ୍ପତ୍ତି ହୋଇନାହିଁ। କିନ୍ତୁ ଆଗୁଆ ନିର୍ବାଚନ ହେବ ନାହିଁ ବୋଲି କମିସନର ସ୍ପଷ୍ଟ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଜେପି ରାଜ୍ୟ ସଭାପତି ଗତକାଲି କହିଥିଲେ ଯେ ପଞ୍ଚାୟତ ନିର୍ବାଚନ ନିର୍ଦ୍ଧାରିତ ସମୟର ୩ ରୁ ୪ ମାସ ପୂର୍ବରୁ କରାଯିବ । ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା । କିନ୍ତୁ ରାଜ୍ୟ ବିଜେପି ସଭାପତିଙ୍କ ବୟାନକୁ ଖଣ୍ଡନ କରିଛନ୍ତି ରାଜ୍ୟ ନିର୍ବାଚନ କମିସନର । ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଆଗୁଆ ନିର୍ବାଚନର ସଙ୍କେତ ଦେବାର ଦିନକ ପରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଏହି ସ୍ପଷ୍ଟୀକରଣ ଦେଇଛନ୍ତି।ଶ୍ରୀ ପାଢ଼ୀ କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତଗୁଡ଼ିକର କାର୍ଯ୍ୟକାଳ ଶେଷ ହେବା ପରେ ହିଁ ଭୋଟ୍ ଗ୍ରହଣ କରାଯିବ। ପୂର୍ବ ନିର୍ବାଚନ ଫେବୃଆରୀ ୨୦୨୨ରେ ହୋଇଥିବାରୁ ପରବର୍ତ୍ତୀ ନିର୍ବାଚନ ୨୦୨୭ରେ ହେବାର ଅଛି। ନିର୍ବାଚନ ତାରିଖ ଏବେ ଯାଏଁ ଧାର୍ଯ୍ୟ ହୋଇନଥିଲେ ମଧ୍ୟ ସବ-ଡିଭିଜନ ସ୍ତରରେ ମତଦାନ କେନ୍ଦ୍ର ଚିହ୍ନଟ ଏବଂ ବାଲଟ୍ ବାକ୍ସ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୧୦-୧୨ ଦିନ ଧରି ଜିଲ୍ଲାପାଳମାନଙ୍କ ସହ ଏନେଇ ପ୍ରାଥମିକ ବୈଠକ ମଧ୍ୟ ଶେଷ ହୋଇଛି।

ଶନିବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ ଯେ, ଆସନ୍ତା ବର୍ଷ ହେବାକୁ ଥିବା ଜନଗଣନା କାର୍ଯ୍ୟ ଯୋଗୁଁ ନିର୍ବାଚନ ପ୍ରାୟ ୨-୩ ମାସ ଆଗୁଆ ହୋଇପାରେ। ସେ କର୍ମକର୍ତ୍ତାମାନଙ୍କୁ ତୃଣମୂଳ ସ୍ତରରେ ପ୍ରସ୍ତୁତି ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ (ଘର ତାଲିକା ପ୍ରସ୍ତୁତି) ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦, ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ମୁଖ୍ୟ ଜନଗଣନା ଫେବୃଆରୀ ୨୦୨୭ରେ ହେବାକୁ ଧାର୍ଯ୍ୟ କରାଯାଇଛି।

# ରାଜ୍ୟସଭା ନିର୍ବାଚନରେ ବିଜେଡ଼ିର ସହଯୋଗ ଲୋଡ଼ିବ କଂଗ୍ରେସ




**ଭୁବନେଶ୍ୱର** ଓଡ଼ିଶାରେ ରାଜ୍ୟସଭା ଚତୁର୍ଥ ଆସନ ପାଇଁ ନିର୍ବାଚନ ରୋଚକ ହେବାକୁ ଯାଉଛି। ଯଦିଓ ରାଜ୍ୟ କଂଗ୍ରେସ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ, ତଥାପି ଦଳ ବିଜେଡିକୁ ଆଖେଇଛି। କିଛିଦିନ ପୂର୍ବରୁ ପିସିସି ସଭାପତି ଭକ୍ତଚରଣ ଦାସ କଂଗ୍ରେସ ତରଫରୁ ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ ଦିଆଯିବ ବୋଲି କହିଥିଲେ। ଆଜି ପାଦେ ଆଗକୁ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବେ ବୋଲି କହିଛନ୍ତି।

ଶ୍ରୀ ଦାସ ଗଣମାଧ୍ୟମକୁ କହିଛନ୍ତି, ଚତୁର୍ଥ ଆସନଟି ବିଜେଡି କିମ୍ବା କଂଗ୍ରେସ ଏକାକୀ ହାତେଇବା ସମ୍ଭବ ନୁହେଁ ରାଜ୍ୟ ହିତରେ ଚିନ୍ତା କଲେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସିଟ୍ ପାଇଁ ପ୍ରାର୍ଥୀଭାବେ ଦିଆଯାଇ ପାରିବ। ନବୀନବାବୁଙ୍କୁ ଭେଟିବା ପାଇଁ ଫେବ୍ରୁଆରି ପ୍ରଥମ ସପ୍ତାହରେ ସମୟ ମାଗିଛି। ଯଦି ସେ ସମୟ ଦେବେ ତେବେ ଏ ବିଷୟରେ ଆଲୋଚନା କରିବି । ଗତବର୍ଷ ଜୁଲାଇ ମାସରେ ଭକ୍ତ ରାଜ୍ୟ ବିଜେପି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ବିଜେଡିକୁ ଆହ୍ୱାନ କରିଥିଲେ । ବିଜେଡି ଯଦି ଅନାସ୍ଥା ଆଣେ ତେବେ କଂଗ୍ରେସ ସମର୍ଥନ କରିବ ବୋଲି ଘୋଷଣା କରିଥିଲେ। ସେବେ ନବୀନଙ୍କୁ ଭେଟିବା ପାଇଁ ବି ସମୟ ମାଗିଥିଲେ। ହେଲେ ନବୀନ ସମୟ ଦେଇ ନଥିଲେ। ପରବର୍ତ୍ତୀ ବିଧାନସଭା ଅଧିବେଶନରେ କଂଗ୍ରେସ ଏକାକୀ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଥିଲା। ବିଜେଡି କିନ୍ତୁ ସମର୍ଥନ ଦେଇ ନ ଥିଲା। ଫଳରେ ଏହି ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଥିଲା। କଂଗ୍ରେସକୁ ଅନାସ୍ଥା ପ୍ରସଙ୍ଗରେ ସମର୍ଥନ ଦେଇ ନ ଥିବା ବିଜେଡିଠାରୁ ରାଜ୍ୟସଭା ଆସନ ପାଇଁ ଭକ୍ତ ସହଯୋଗ ଲୋଡ଼ିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

# ନିରାମୟ ଔଷଧର ଅଭାବ

ଭୁବନେଶ୍ୱର: ଖୋଦ୍ ରାଜଧାନୀ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲରେ 'ନିରାମୟ' ଔଷଧ ଠିକ୍ ଠାକ୍ ଭାବେ ମିଳୁନାହିଁ । ଡାକ୍ତର ପାଞ୍ଚୋଟି ଲେଖିଲେ ତିନୋଟି ମିଳୁଛି, ତିନୋଟି ଲେଖିଲେ ଗୋଟିଏ ମିଳୁଛି । ଉତ୍ତର ମିଳୁଛି ଔଷଧ ସରିଯାଇଛି । ରିକ୍ୟୁଜିସନ ଯାଇଛି, ଆର ସପ୍ତାହକୁ ଆସ । ଏଠି ପ୍ରଶ୍ନ ଉଠୁଛି, ରୋଗୀ ଔଷଧକୁ ଅପେକ୍ଷା କରିବା ବା ସପ୍ତାହ ପରେ ଖାଇବା ବ୍ୟବସ୍ଥା କେତେଦୂର ଠିକ୍ ଏକଥାର ଉତ୍ତର କିଏ ଦେବ ? ବିଭାଗୀୟ ସଚିବ ନା' ବିଭାଗୀୟ ମନ୍ତ୍ରୀ ? ଏହି ଘଟଣାକୁ ନେଇ ପ୍ରବଳ ଅସନ୍ତୋଷ ଚାରିଆଡ଼େ ଆଲୋଚନା ହେଉଛି ।

# ନିଜକୁ ସୁରକ୍ଷିତ ମନେ କରୁନାହାଁନ୍ତି ନବୀନ



ଭୁବନେଶ୍ୱର: ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ଦୁଇ ବିଧାୟକଙ୍କୁ ଯେଉଁସବୁ ଅଭିଯୋଗ ଦର୍ଶାଇ ନିଲମ୍ବନ କରିଛନ୍ତି ତାକୁ ନେଇ ରାଜ୍ୟ ରାଜରାନୀତିରେ ଅନେକ କଥା ଆଲୋଚନା ହେଉଛି। ଅଧିକାଂଶ ଆଲୋଚନାରେ ନବୀନଙ୍କ ନେତୃତ୍ୱ ନେଇ ପ୍ରଶ୍ନ ସୃଷ୍ଟି କରାଯାଉଛି। ବାସ୍ତବରେ ନବୀନ ଜଣେ ନିରପକ୍ଷ ଓ ନିର୍ବିବାଦୀୟ ନେତା ନୁହଁନ୍ତି ବୋଲି କୁହାଯାଉଛି। ଦଳ ପରିଚାଳନାରେ ସେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ଏ କଥା ମଧ୍ୟ ମତ ରଖୁଛନ୍ତି। ବିଧାୟକ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ରଙ୍କୁ ଦୁର୍ନୀତି ଏବଂ ବିଶ୍ୱାସଘାତକତା କାରଣରୁ ନିଲମ୍ବନ କରାଯାଇଥିବା ନବୀନଙ୍କ ନିର୍ଦ୍ଦେଶରେ ତାଙ୍କ ମୁଖପାତ୍ର ଓ କୋଟରୀର ନେତାମାନେ ଗଣମାଧ୍ୟମରେ କହିଛନ୍ତି। ନବୀନ ଚିରାଚରିତ ଢ଼ଙ୍ଗରେ ଏଯାଏଁ ଏହି ଘଟଣାରେ ଗଣମାଧ୍ୟମ ସାମ୍ନାରେ କୌଣସି ମତ ରଖୁନାହାଁନ୍ତି, ଅନ୍ୟମାନଙ୍କ ମୁହଁରେ ଆରୋପ ଆଣୁଛନ୍ତି। ଆସିଥିବା ଅଭିଯୋଗଗୁଡିକ ନେଇ ଅନେକ ତର୍ଜମା ଚାଲିଛି।

ଏଥିରେ କୁହାଯାଉଛି ନବୀନ ନିଜକୁ ଜଣେ ଏକଛତ୍ରବାଦୀ ନେତାଭାବେ ପ୍ରତିବାତିଦ କରିଛନ୍ତି। ବାରମ୍ବାର ଏହି କାର୍ଯ୍ୟଧାରା ଚାଲି ଆସିଥିବା ଦେଖାଦେଇଛି। ଦଳ କ୍ଷମତାରୁ ଗଲାପରେ ବି କୌଣସି ନରମ ମନୋଭାବ ଏବଂ ଦଳକୁ ସଂଗଠିତ ରଖିବା ଦିଗରେ ସେପରି କୌଣସି କାର୍ଯ୍ୟ କରୁ ନାହାଁନ୍ତି। ଏକଥା କୁହାଯାଉଛି ସରକାରରୁ ଗଲାପରେ ନବୀନ ଅଧିକ ଭୟଭିତ ହୋଇପଡିଛନ୍ତି ଓ ନିଜକୁ ସୁରକ୍ଷିତ ମନେ କରୁନାହାଁନ୍ତି। ଏବେ ବି କାନକୁହା ବଚ୍ଛକରଙ୍କ କଥାରେ ଦଳ ଚଳାଇଛନ୍ତି। ନିଜକୁ ଜଣେ ନେତା ଭାବେ ପ୍ରତିପାଦିତ କରିବାକୁ ଉଦ୍ୟମ କରୁନାହାଁନ୍ତି। ସରକାରରୁ ଯିବା ପରେ ଯାହା ଜଣାପଡୁଛି ନବୀନଙ୍କର କିଛି କ୍ଷତି ହୋଇନାହିଁ। ସେଥିପାଇଁ ସେ ପ୍ରତିକ୍ରିୟାଶୀଳ ହୋଇପାରୁ ନାହାଁନ୍ତି। କିନ୍ତୁ କ୍ଷମତାରୁ ଯିବାପରେ ଯେଉଁମାନେ ଭାବୁଛନ୍ତି ଏଥିରେ ଦଳର ବହୁ କ୍ଷତି ଘଟିଲା ସେମାନେ ପ୍ରତିକ୍ରୀୟାଶୀଳ ହେଉଛନ୍ତି। ସେଥିଲାଗି ସେମାନେ ସ୍ୱର ଉଠାଉଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାୟୀ କରି ବିଶୋଦଗାର କରୁଛନ୍ତି। ଦଳ ହାରିବା ପଛରେ ଯିଏ ଦାୟୀ ସାଧାରଣ ଭାବରେ ନିର୍ବାଚନ ପରେ ନବୀନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା କଥା। ସେ ନିଜେ ବି ନିଜକୁ ଦାୟୀ କରି ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ହେଲେ ନବୀନ ତାଙ୍କୁ ଛାଡି ପାରୁନାହାଁନ୍ତି। ଉଭୟଙ୍କ ଭିତରେ କ'ଣ ଡିଲ୍ ହୋଇଛି ତାହା କାହାକୁ ଜଣା ନାହିଁ। ଏପରିକି ନୂଆପଡା ଉପନିର୍ବାଚନରେ ଦଳ ତୃତୀୟ ସ୍ଥାନକୁ ଖସିବା ଘଟଣାରେ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନଙ୍କ ବିରୋଧରେ ବି କିଛି କାର୍ଯ୍ୟାନୁଷ୍ଠାନ ନେଇ ନାହାଁନ୍ତି।

# କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ



ଭୁବନେଶ୍ୱର : 'ସମସ୍ତଙ୍କ ପାଇଁ ଶିକ୍ଷା' ବାର୍ତ୍ତା ନେଇ ପ୍ରତିବର୍ଷ ଜାନୁଆରୀ ମାସର ଶେଷ ରବିବାର କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ୍‌ର ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ମଧ୍ୟ ଆଜି ଓଡିଶାର ସମସ୍ତ ଜିଲ୍ଲା ଏବଂ ଭାରତର ମେଟ୍ରୋ ସହରଗୁଡିକରେ ଏହି ମିନି ମାରାଥନର ଆୟୋଜିତ ହୋଇଯାଇଛି । 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟ ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୨୦୧୬ ମସିହାରୁ ଏହି ପ୍ରୟାସ ଆରମ୍ଭ କରିଆସୁଛନ୍ତି । ମାରାଥନ ମାଧ୍ୟମରେ ସମସ୍ତଙ୍କୁ ଏକ ସୁନ୍ଦର ବାର୍ତ୍ତା ଦିଆଯାଇଛି- ଫିଟନେସ୍ ରହିବା ଯେଉଁଭଳି ସମସ୍ତଙ୍କ ପାଇଁ ଆବଶ୍ୟକ ସେହିପରି ଜଳ, ବାୟୁ, ମାଟି ଓ ଶିକ୍ଷା ମଧ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ଚଳିତ ବର୍ଷ ଓଡିଶାର ୩୫ଟି ସ୍ଥାନ ଓ ଭାରତର ବିଭିନ୍ନ ସ୍ଥାନରେ ଏହି ମିନି ମାରାଥନ ଆୟୋଜନ କରାଯାଇଥିଲା । ଏହାର ଏକ ଅଂଶ ବିଶେଷ ଭୁବନେଶ୍ୱରରେ ନିଆରା ଢଙ୍ଗରେ 'ପାଟାଥନ' ଆୟୋଜନ କରାଯାଇଥିଲା । ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟାଥନର ତୃତୀୟ ସଂସ୍କରଣରେ ୬ ହଜାରରୁ ଉର୍ଦ୍ଧ୍ୱ ମହିଳା ପାଟ ଶାଢ଼ି ପିନ୍ଧି ଦୌଡିଥିଲେ । 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି । କିଟ୍, କିସ୍ ଓ କିମ୍‌ସର ୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡରେ ସାମିଲ ହୋଇଥିଲେ । ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡିଥିଲେ । ଏହି ଗଣଦୌଡରେ ସୁନ୍ଦରଗଡର ସୁସ୍ମିତା ଟିଗା ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା ଜିଣିଥିବା ବେଳେ ଦିପ୍ତିରାଣୀ ସାହୁ ଦ୍ୱିତୀୟ ଓ କଟକର ବାସନ୍ତୀ ମୁଣ୍ଡା ତୃତୀୟ ହୋଇ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ । ସେହିପରି ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ୀ ପ୍ରଦାନ କରାଯାଇଥିଲା । କିଟ କେ- ୩ ମହିଳା କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମସି ମେୟର ସୁଲୋଚନା ଦାସ, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରାକ୍ତନ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, କର୍ପୋରେଟର ପ୍ରିତିନନ୍ଦା ରାଉତରାୟ, ଯଶୋଧାରା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡା, ଅଲିମ୍ପିଆନ୍ ଦୂତି ଚାନ୍ଦ, ଅନୁରାଧା ବିଶ୍ୱାଳ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ମାରାଥନରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ଉତ୍ସାହିତ ଓ ପୁରସ୍କାର ପ୍ରଦାନ କରିଥିଲେ ।

ସମ୍ପାଦକୀୟ

# ସମ୍ବିଧାନରେ ଶ୍ରେଷ୍ଠ ସମନ୍ୱୟ

ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଉପଭୋଗ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୧୬(୧) ଓ ୧୬(୨)ରେ ନାଗରିକଙ୍କୁ ସେମାନଙ୍କ ଜାତି, ବର୍ଣ୍ଣ, ଲିଙ୍ଗ ତଥା ଧର୍ମ ଆଧାରରେ ଭେଦଭାବ ବିନା ସମାନ ସୁଯୋଗ ପ୍ରଦାନ କରାଯାଉଛି। ତା'ସହିତ ସମ୍ବିଧାନରେ ରାଜ୍ୟଗୁଡ଼ିକୁ ସାମାଜିକ ଓ ଆଧାତ୍ମିକ କ୍ଷେତ୍ରରେ ସମାନତା ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବିଧାନରେ ଜାତି, ଆସ୍ଥା, ସମୁଦାୟ ଓ ଭାଷା ଆଦିରେ ସମାନ ବ୍ୟବହାର ତଥା ସେଗୁଡ଼ିକରେ କ୍ରିୟାନ୍ୱୟନ କିପରି ହେବ ସେ ସମ୍ବନ୍ଧରେ ଉଲ୍ଲେଖ ଅଛି। ନାଗରିକଙ୍କର ହିତସାଧନ କିପରି ହେବ ସେଥିପାଇଁ ସମ୍ବିଧାନ ନିର୍ମାତାମାନେ ଚିନ୍ତା କରି ପ୍ରଣୟନ କରିଛନ୍ତି। ସମ୍ବିଧାନର ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ନ୍ୟାୟପାଳିକା ଦ୍ୱାରା ବହୁବାର ଅନୁସୂଚିତ ଜାତି ଓ ଜନଜାତି ତଥା ଅନ୍ୟ ପଛୁଆ ବର୍ଗ ସମ୍ବନ୍ଧରେ ବିଭିନ୍ନ ରାୟ ପ୍ରକାଶ ପାଇଛି। ଏଥିରୁ ପ୍ରମାଣିତ ହେଉଛି ଯେ ଏକ ସାମାଜିକ ସମରସତା ବା ଶ୍ରେଷ୍ଠ ସମନ୍ୱୟଯୁକ୍ତ ସମାଜ ବ୍ୟବସ୍ଥା ନିର୍ମାଣ କରିବା ଭାରତୀୟ ସମ୍ବିଧାନ ତଥା ଗଣତନ୍ତ୍ରର ଉଦ୍ଦେଶ୍ୟ।

ଭାରତର ସମ୍ବିଧାନ ପ୍ରତ୍ୟକ୍ଷ ଭେଦାଭେଦକୁ ଧ୍ୟାନ ଦେଇ ତା'ର ନିରାକରଣ ପାଇଁ ସୁଯୋଗ ପ୍ରଦାନ କରିଛି। ପରୋକ୍ଷ ଭେଦାଭେଦ ସମ୍ପୂର୍ଣ୍ଣ ଉଚ୍ଛେଦ କରିହେବ ନାହିଁ। ଯେପରି କି ସ୍ୱଜାତି, ସ୍ୱଗୋତ୍ର ପ୍ରତି ଆଗ୍ରହ, ଭ୍ରଷ୍ଟାଚାର ଓ କ୍ଷେତ୍ରବାଦ ଆଦି ନିର୍ମୂଳନ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିଥାଏ; କିନ୍ତୁ ଶାସନ ପ୍ରଶାସନ ଏହିପରି କେତେକ ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। କେତେକ ବ୍ୟକ୍ତିଗତ ଘଟଣାକୁ ସଂସ୍ଥାଗତ ଅଭିଶାପର ପୋଷାକ ପିନ୍ଧାଇବା ଠିକ୍ ନୁହେଁ। ଗଣତନ୍ତ୍ରରେ ଏହିପରି ବହୁତ ସାମ୍ବିଧାନିକ ତଥା ଅତିରିକ୍ତ ଉପାୟ ଅଛି ଯାହା ପକ୍ଷପାତକୁ ଦୂର କରିପାରିବ। ଏଥିରେ ନ୍ୟାୟପାଳିକାର ସକ୍ରିୟତା, ଜନସ୍ୱାର୍ଥ ମାମଲା (ପିଆଇଏଲ୍), ଗଣମାଧ୍ୟମର ସକ୍ରିୟତା ଓ ସୂଚନା ଅଧିକାର ଆଇନର ଉପଯୋଗ ଆଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ସମ୍ବିଧାନ ପ୍ରଚଳିତ ବିଷମତା ଦୂରୀକରଣ ପାଇଁ ସରକାରଙ୍କୁ ବିଭିନ୍ନ ନୀତି ନିର୍ଦ୍ଧାରଣ ସକାଶେ ପ୍ରେରିତ କରିଛି। ଏଥିରେ ସବୁଠାରୁ ଲୋକପ୍ରିୟ ହେଉଛି 'ସକାରାମକ୍ ପକ୍ଷପାତ' ନୀତି। ସକାରାତ୍ମକ ପକ୍ଷପାତ ନୀତିର ଅର୍ଥ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ନିରାଶ୍ରୟ ବର୍ଗ ମଧ୍ୟରେ ଶିକ୍ଷା ଏବଂ ରୋଜଗାରକୁ ପ୍ରାଧାନ୍ୟ ଦେବା। ସକାରାତ୍ମକ ପକ୍ଷପାତର ଉଦ୍ଦେଶ୍ୟ ହେଉଛି ଭାରତର ଦୁର୍ବଳ ଓ ପଛୁଆ ବର୍ଗକୁ ସମାଜର ମୁଖ୍ୟଧାରାରେ ସାମିଲ କରିବା। ଏଥିପାଇଁ ସେମାନଙ୍କର ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ଥିବା ବାଧାବିଘ୍ନକୁ ଦୂର କରିବା। ସମ୍ବିଧାନ ସଭାରେ ବହୁବାର ଏ ସମ୍ବନ୍ଧରେ ଚର୍ଚ୍ଚା, ଆଲୋଚନା କରାଯାଇଛି ଏବଂ ଅନୁସୂଚିତ ଜାତି ଓ ଜନଜାତି ପାଇଁ ବହୁ ସୁବିଧା ପ୍ରଦାନ କରାଯାଇଛି।

ସମ୍ବିଧାନ ସଭାର ସ୍ପଷ୍ଟ ମତ ଥିଲା ଯେ ସହସ୍ରବର୍ଷ ଧରି ଭେଦଭାବର ଶିକାର ହୋଇଥିବା ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ କେବଳ ସଂରକ୍ଷଣର ସୁବିଧା ପ୍ରଦାନ କରାଯିବ, କିନ୍ତୁ ସମ୍ବିଧାନ ସଭାରେ ସଂଖ୍ୟାଲଘୁଙ୍କ ପାଇଁ ଧାର୍ମିକସ୍ତରରେ ସଂରକ୍ଷଣ ପାଇଁ ଦୃଢ଼ ବିରୋଧ ହୋଇଥିଲା। ସମ୍ବିଧାନ ନିର୍ମାତାମାନେ ଦୃଢ଼ ଭାବେ ମତପୋଷଣ କରିଥିଲେ ଯେ ସଂଖ୍ୟାଲଘୁର ଅବଧାରଣା କେବଳ ସମାଜକୁ ବିଭାଜନ କରିବା ପାଇଁ ଇଂରେଜଙ୍କର ପରିକଳ୍ପିତ ମାନସିକତା ଥିଲା। ସମାଜରେ ଧାର୍ମିକ ବର୍ଗୀକରଣ ଆଧାରରେ ଅଳ୍ପସଂଖ୍ୟକ ଓ ବହୁସଂଖ୍ୟକ ମଧ୍ୟରେ ବିଭାଜନ କରିବା ଏକ ସାମ୍ରାଜ୍ୟବାଦୀ ମାନସିକତା ବୋଲି ସେମାନେ ଦୃଢ଼ ମତ ଘୋଷଣା କରିଥିଲେ। ସମ୍ବିଧାନର ଧାରା ୨୯ ଓ ୩୦ ମଧ୍ୟରେ ଧାର୍ମିକ ସଂଗଠନଗୁଡ଼ିକର ସାଂସ୍କୃତିକ ଓ ସାମାଜିକ ଅଧିକାରର ସୁରକ୍ଷା ପାଇଁ ବ୍ୟବସ୍ଥା କରାଗଲା, କିନ୍ତୁ ଧାର୍ମିକ ଆଧାରରେ ସଂରକ୍ଷଣକୁ ପ୍ରତ୍ୟାଖ୍ୟାନ କରାଗଲା।

ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର, ସାଂସ୍କୃତିକ ଅଧିକାର, ସଂଘୀୟ ବ୍ୟବସ୍ଥା ତଥା ସର୍ବଧର୍ମ ସମଭାବ ସହିତ ପୃଥକ୍ ପୃଥକ୍ ସାମାଜିକ ତଥା ସାଂସ୍କୃତିକ ବର୍ଗଗୁଡ଼ିକ ମଧ୍ୟରେ ସମାନତା ତଥା ସ୍ୱତନ୍ତ୍ରତା ଆଦି ପ୍ରତିଷ୍ଠା ପାଇଁ ଅନେକ ସୁଯୋଗ ପ୍ରଦାନ କରାଯାଉଛି। ଅନୁସୂଚିତ ଜାତି ଓ ଜନାଜାତି, ଅନ୍ୟାନ୍ୟ ପଛୁଆ ବର୍ଗରେ ସାମାଜିକ ଓ ଆର୍ଥିକ ସ୍ତରରେ ନିଷ୍ପେଷିତ ବ୍ୟକ୍ତିଙ୍କୁ ବିଶେଷ ଅଧିକାର ପ୍ରଦାନ କରାଯାଇଛି। ସମ୍ବିଧାନ ସଭାର ଚର୍ଚ୍ଚା ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଯେ ଧର୍ମ ଆଧାରରେ ସଂରକ୍ଷଣ ଆଣି ସମୀଚୀନ ନୁହେଁ। ଉଦାହରଣ ସ୍ୱରୂପ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟ ତଜମୁଲ ହୁସେନ ଯେଉଁ ବକ୍ତବ୍ୟ ପ୍ରଦାନ କରିଥିଲେ ତାହା ଉଲ୍ଲେଖନୀୟ। ସେ ମୁସଲମାନ ଓ ଅନ୍ୟାନ୍ୟ ସମ୍ପ୍ରଦାୟଙ୍କୁ ସଂଖ୍ୟାଲଘୁ ସଂଜ୍ଞା ଦେବାର ବିରୋଧ କରିଥିଲେ। ହୁସେନ କହିଥିଲେ "ଆମ ମୁସଲମାନଙ୍କ ପାଇଁ କୌଣସି ପ୍ରକାରର ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ ନାହିଁ। ଆମକୁ ଭାରତରେ କୌଣସି ସଂରକ୍ଷଣର ସୁରକ୍ଷା କବଚର ଆବଶ୍ୟକ ନାହିଁ। ଆମେ ଦୁର୍ବଳ ନୋହୁଁ। ସଂରକ୍ଷଣ ଦ୍ୱାରା ମୁସଲମାନଙ୍କର ଲାଭ କମ୍? କ୍ଷତି ଅଧିକ ହେବ। ଭାରତରେ ମୁସଲମାନ ସମାଜରେ ବହୁସଂଖ୍ୟକଙ୍କ ସହିତ ସମସ୍କନ୍ଧ ହୋଇ ରହିବା ଆବଶ୍ୟକ। ମୁଁ ଚାହୁଁଛି ଯେ ଏହି ନୂତନ ଅବସ୍ଥାରେ ଭାରତର ସମସ୍ତ ନାଗରିକଙ୍କୁ ଏକ ଅଧିକାର ପ୍ରଦାନ କରିଯିବା ଆବଶ୍ୟକ ଯେଉଁଥିରେ ସମସ୍ତେ ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ। ଏଣୁ ମୁସଲମାନଙ୍କୁ ସଂରକ୍ଷଣ ପ୍ରଦାନ କରିବା ସେମାନଙ୍କ ପାଇଁ ଆତ୍ମଘାତୀ ହେବ।" ଏହାର ବିସ୍ତୃତ ଭାଷଣ 'ଦି ରାଇଟ ଟୁ ଇକ୍ୱାଲିଟି, ସମ୍ପାଦକୀୟ, କମ୍ୟୁନିଜମ୍ କମ୍ପାକ୍ଟ' ପୁସ୍ତକରେ ବର୍ଣ୍ଣନା କରାଯାଇଛି।

ସମ୍ବିଧାନ ସଭାର ଉପାଧ୍ୟକ୍ଷ ଡ. ଏଚ୍. ସି. ମୁଖାର୍ଜୀ କହିଥିଲେ, "ଯଦି ଆମର ଲକ୍ଷ୍ୟ ଭାରତକୁ ଏକ ପନ୍ଥ ନିରପେକ୍ଷ ରାଷ୍ଟ୍ରରୂପେ ନିର୍ମାଣ କରିବା, ତେବେ ଧର୍ମ ଆଧାରରେ ନୁହେଁ।" ନ୍ୟାୟପାଳିକା ମଧ୍ୟ ଏ ସମ୍ବନ୍ଧରେ ବହୁବାର ଆଦେଶ ପ୍ରଦାନ କରି ଧାର୍ମିକ ଆଧାରରେ ଆରକ୍ଷଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ସମ୍ବିଧାନ ସଭାର ସମସ୍ତ ସଦସ୍ୟଙ୍କ ଏକ ମତ ଥିଲା ଯେ ଅନୁସୂଚିତ ଜାତି ଓ ଜନଜାତି ସହସ୍ରବର୍ଷ ଧରି ସାମାଜିକ ତଥା ଭାବନାତ୍ମକ ଭେଦଭାବର ଶିକାର ହୋଇଆସିଛି। ସମ୍ବିଧାନ ସଭାର ସଦସ୍ୟ ଲକ୍ଷ୍ମଣ ଶ୍ରବଣ ଭାଟକର କହିଥିଲେ ଯେ "ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ ସମ୍ବିଧାନରୁ ନିର୍ମୂଳ କରିଦେବା ଆବଶ୍ୟକ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଦଶବର୍ଷ ପାଇଁ ସଂରକ୍ଷଣ ପ୍ରଦାନ କରାଯିବା ଦରକାର। କାରଣ ସେମାନେ ଏଥିପାଇଁ ହକ୍‌ଦାର। ସେମାନେ ଦରିଦ୍ର, ବଞ୍ଚିତ, ଅଶିକ୍ଷିତଙ୍କ ସ୍ଥିତି ଓ ସାମାଜିକ ଅବସ୍ଥାକୁ ଦେଖି ଏହିପରି ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ।" ମାର୍କ୍ସବାଦୀ ଇତିହାସରେ ଇରଫାନ ହବିବଙ୍କ ମତରେ "ଭାରତରେ ବର୍ଣ୍ଣବ୍ୟବସ୍ଥା ସମ୍ପୂର୍ଣ୍ଣ ଅମାନବୀୟ, ଯାହା ସମାଜରେ ଅସମାନତା ସୃଷ୍ଟି କରୁଛି।" ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସମ୍ବିଧାନ ସଭାରେ କହିଥିଲେ "ଅନୁସୂଚିତ ଜାତି ଓ ଜନଜାତିଙ୍କୁ ସଂରକ୍ଷଣରେ ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ। ବହୁସଂଖ୍ୟକ ସମୁଦାୟର ଏହା ଦାୟିତ୍ୱ ହେବା ଆବଶ୍ୟକ ଯେ ନିଜର ଉଦାରତା ଦ୍ୱାରା ସଂଖ୍ୟାଲଘୁଙ୍କ ମଧ୍ୟରେ ବିଶ୍ୱାସର ଭାବନା ଉଦ୍ରେକ କରିବା। ସେହିଭଳି ସଂଖ୍ୟାଲଘୁଙ୍କର ଏପରି କର୍ତ୍ତବ୍ୟ ହେବା ଆବଶ୍ୟକ ଯେ ସେମାନେ ଅତୀତର ସମସ୍ତ ଦୋଷ ତ୍ରୁଟିକୁ ବିସ୍ମରଣ କରି ଚିନ୍ତନ କରିବା ଉଚିତ।

# କୃଷିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ

ଯୁଧିଷ୍ଠିର ମହାରଣା

ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର। ପୁରୁଣା ସରକାର ଯିବା ପରେ ନୂଆ ସରକାରଙ୍କ ଆଗମନ। ଅନେକ ଯୋଜନା, କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ହେବା ମଧ୍ୟ ସ୍ୱାଭାବିକ। କାରଣ ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ସରକାର ରହିଲେ ସ୍ୱାଭାବିକ ଭାବେ ଗୋଟିଏ ରାଜ୍ୟ ବିକାଶ ଲାଭ କରିଥାଏ ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଓଡ଼ିଶାରେ ବିକାଶର କାର୍ଯ୍ୟକ୍ରମ ଚାଲିଛି। ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ପ୍ରସଙ୍ଗ ଉପରେ ମୁଁ ଆଲୋଚନାଟି ରଖୁଛି। ବର୍ତ୍ତମାନର ବଜାର ଦରକୁ ଦେଖିଲେ ଚିନି ଓ ତେଲ ପରି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପ୍ରାୟତଃ ଚଢ଼ା ରହୁଛି। ଓଡ଼ିଶାରେ ଆଖୁ ଓ ବିଭିନ୍ନ ଶସ୍ୟରାଶି ପ୍ରଚୁର ଅମଳ ହେଉଛି କିନ୍ତୁ ଆମ ରାଜ୍ୟରେ ଦିନେ ସକଳ ଥିବା ଚିନିକଳ, ତେଲକଳ ଏବଂ ସୂତା କଳ ଗୁଡ଼ିକ ଏବେ ଅଚଳ। ଆଉ କେତୋଟିର ତ ଅସ୍ତିତ୍ୱ ନାହିଁ। ଚିନିକଳ ଆଖୁ ଚାଷୀଙ୍କୁ ରୋଜଗାର ଦିଏ, ତେଲ କଳ ଚିନାବାଦାମ, ସୂର୍ଯ୍ୟମୁଖୀ ଏବଂ ସୋରିଷ ଚାଷୀଙ୍କୁ ଲାଭବାନ କରାଏ, ସୂତାକଳ କପାଚାଷୀଙ୍କୁ ରୋଜଗାରକ୍ଷମ କରେ। ଏସବୁ କଳ ଚାଲିଥିବା ସମୟରେ ଏଥିରେ ଅନେକ ଲୋକ କର୍ମ ସଂସ୍ଥାନ ପାଇଥିଲେ। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏସବୁ କୃଷିଭିତ୍ତିକ ଶିଳ୍ପ ଅନେକ ରୋଜଗାର ସୃଷ୍ଟି କରିପାରିଥିଲା।

ଧାନଚାଷ ସହିତ ବିକଳ୍ପ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଏସବୁ ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର ଆନ୍ତରିକତା ସହ ଉଦ୍ୟମ କରିବା ଜରୁରୀ। ଆଖୁର ଅଭାବୀ ବିକ୍ରି ପାଇଁ ଅନେକ ଚାଷୀ ଏବେ ଆଖୁଚାଷ ଆଡୁ ମୁହଁ ଫେରାଇ ନେଲେଣି। ଏମାନେ ଦାଦନ ମୁହାଁ ହେଉଛନ୍ତି। ନିକଟରେ ସରକାରୀ ଭାବେ ଏକ ଘୋଷଣା ଅନୁଯାୟୀ ରାଜ୍ୟରେ ଚିନିକଳର ପୁନରୁଦ୍ଧାର ପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି। ଚିନିକଳର ଆଧୁନିକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଜଣା ଯାଇଛି। ଏଇ ଟାସ୍କଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ।

ଆମ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭିତରେ ଦେଖିବାକୁ ଗଲେ ନୟାଗଡ଼ ଏବଂ ବାଙ୍କି ଅଞ୍ଚଳରେ ଆଖୁ ଚାଷ ପାଇଁ ଅନୁକୂଳ ମାଟି, ପାଣି ପବନ ରହିଛି। ଆଖୁ ଭଲ ଅମଳ ଦିଏ ଏଠି। ଦିନେ ନୟାଗଡ଼ ଚିନିକଳ ଏ ଅଞ୍ଚଳ ଚାଷୀଙ୍କ ଆଖୁକୁ କିଣି ନେଉଥିଲେ। ଏବେ ସେ ସବୁ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଛନ୍ତି ଚିନିକଳ ବନ୍ଦ ହୋଇଯିବା କାରଣରୁ। ପଡ଼ୋଶୀ ରାଜ୍ୟର ଦଲାଲମାନେ ଶସ୍ତାରେ ଆଖୁ କିଣି ନେଉଛନ୍ତି ଚାଷୀଙ୍କ ଠାରୁ। ଧାନଚାଷ ପାଇଁ ଯେଉଁ ସବୁ କ୍ଷେତ ଉପଯୁକ୍ତ ନ ହୁଏ ସେ ସବୁ କ୍ଷେତ୍ରରେ ଆଖୁଚାଷ କରାଯାଇପାରେ। ତେଣୁ ଏ ଅଞ୍ଚଳରେ ମଧ୍ୟ ଏକାଧିକ ଚିନିକଳର ଆବଶ୍ୟକତା ରହିଛି।

ରାଜ୍ୟରେ ଅନେକ ସୂତାକଳ ବନ୍ଦ ପଡ଼ିଛି। ଆମ ରାଜ୍ୟ ପକାର ଗୁଣାତ୍ମକ ମାନ ଉନ୍ନତ ହୋଇଥିବାରୁ ବିଦେଶରେ ମଧ୍ୟ ଓଡ଼ିଶା କପାର ଚାହିଦା ରହିଛି। ତେଣୁ ଆମେ ଆମ ରାଜ୍ୟର କପାକୁ ସୂତାରେ ରୂପାନ୍ତରିତ କରି ବାହାର ରାଜ୍ୟ ଏବଂ ଦେଶକୁ ମଧ୍ୟ ବିକି ପାରନ୍ତେ। ଏଥିରେ ରାଜ୍ୟର ଚାଷୀ ଉପକୃତ ହେବା ସହିତ ଆମ ରାଜ୍ୟର ହସ୍ତତନ୍ତ ଶିଳ୍ପୀକୁ ମଧ୍ୟ ଏହା ପ୍ରୋତ୍ସାହିତ କରନ୍ତା। ଏବେ ଦେଶ ବିଦେଶରେ କଟନ ପୋଷାକର ଚାହିଦା ବଢ଼ୁଛି। ତେଣୁ ଆମ ରାଜ୍ୟରେ ଉନ୍ନତମାନର ସୂତା କପଡ଼ା ମଧ୍ୟ ତିଆରି ହୋଇପାରନ୍ତା ଆମ ରାଜ୍ୟର ଉନ୍ନତ କପାରେ। ଆମ ରାଜ୍ୟର ହସ୍ତତନ୍ତ ଶାଢ଼ିର ସୁନାମ ରହିଛି ଦେଶ ବିଦେଶରେ। କିନ୍ତୁ ଦୁର୍ଭାଗ୍ୟର କଥା ଆମ ରାଜ୍ୟର ବୁଣାକାରମାନେ ଅନ୍ୟ ରାଜ୍ୟରୁ ସୂତା କିଣୁଛନ୍ତି। ତେଣୁ ଏବେ ସମୟ ଆସିଛି କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ପୁଣିଥରେ କିଭଳି ସଚଳ କରେଇହେବ ଏବଂ ଅଧିକ ସଂଖ୍ୟକ ଏଭଳି ଶିଳ୍ପ କିଭଳି କରାଯାଇପାରିବ ସେ ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବାର ବେଳ ଆସିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ କୃଷି ରାଜ୍ୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନେଉଥିବାରୁ ଓଡ଼ିଶାରେ ବିଶେଷକରି ଆଖୁଚାଷ ଓ କପାଚାଷକୁ ଗୁରୁତ୍ୱ ଦେଲେ ଏହା ଧାନ ଓ ଅନ୍ୟ ଶସ୍ୟପରି ଲାଭଜନକ



ହୋଇପାରନ୍ତା।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଉଦବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷ ଜମିରେ ପରିଲକ୍ଷିତ ହେଉନାହିଁ। ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ'। ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି। ପ୍ରୋତ୍ସାହନ ନାହିଁ। ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି। ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ। କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି। ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା। ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଚଷାପୁଅର ଅର୍ଥନୀତିକୁ ବଳ ଦେଇନଥାଏ ବରଂ ଅଳସୁଆ ଓ ନିକମା କରିଥାଏ। ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି। ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ। ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ କିନ୍ତୁ ସତ ହୋଇପାରି ନଥାଏ। ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ। ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ନାହିଁ। ବିପୁଳ ଧନ ଖଟାଇ ନିର୍ବାଚନ ବୈତରଣୀ ପାର ହେବାପରେ କାଶିଆ କିଏ ନା କପିଳା କିଏ ନ୍ୟାୟରେ ଖାଉଟିଙ୍କ ସ୍ୱାର୍ଥକୁ ଫୁ କରିଦେବା ଆମ ସାଧାରଣ ଜୀବନ ଦର୍ଶନରେ ପରିଣତ ହୋଇସାରିଲାଣି। ଏସବୁ ଭିତରେ ଜାତୀୟ ତଥା କ୍ଷେତ୍ରୀୟ ସରକାରମାନେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହଙ୍ଗା ସ୍ଥିତିକୁ କିପରି ବଜାରକୁ ଦେଖି ମୁକାବିଲା କରିହେବ ସେ ପଦକ୍ଷେପ ନେବା ଜରୁରୀ। ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ। ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**କଟକ, ଦୂରଭାଷ**
**:୯୪୩୭୧୬୩୫୨୮**

# ଓଜନ କମେଇବାରେ ସାହାଯ୍ୟ କରେ ଭୃସଙ୍ଗ ପତ୍ର

*ଭାରତୀୟ ରୋଷେଇରେ ଭୃସଙ୍ଗ ପତ୍ର ବହୁଳ ମାତ୍ରାରେ ବ୍ୟବହୃତ ହୋଇଥାଏ। ଭୃସଙ୍ଗ ପତ୍ରରେ ଯେକୌଣସି ଖାଦ୍ୟର ସ୍ୱାଦକୁ ଉନ୍ନତ କରାଯାଇପାରେ। ଏହି ଗଛକୁ ପ୍ରାୟତଃ ଲୋକ ନିଜ ଘରେ ଲଗାଇଥାନ୍ତି। ଫସଫରସ୍, କ୍ୟାଲସିୟମ୍, ଆଇରନ୍, କପର୍, ଭିଟାମିନ୍ ଏବଂ ମ୍ୟାଗ୍ନେସିୟମ୍ ପରି ନ୍ୟୁଟ୍ରିଏଣ୍ଟ ଭୃସଙ୍ଗ ପତ୍ରରେ ମିଳିଥାଏ, ଯାହା ଶରୀରକୁ ଅନେକ ଉପାୟରେ ଲାଭ ଦେଇଥାଏ। ପ୍ରତିଦିନ ସକାଳେ ୩ ରୁ ୪ ଟି ଭୃସଙ୍ଗ ପତ୍ର ଚୋବାଇଲେ ଏହା କିପରି ଲାଭଦାୟକ ହେବ ଆସନ୍ତୁ ଜାଣିବା।*





**ଦୃଷ୍ଟି ଶକ୍ତି ବଢାଇଥାଏ :** ଭୃସଙ୍ଗ ପତ୍ର ଖାଇବା ଦ୍ୱାରା, ଅନ୍ଧାରକଣା କିମ୍ବା ଆଖି ସହିତ ଜଡିତ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ଦୂର ହୋଇଥାଏ। କାରଣ ଏଥିରେ ଆବଶ୍ୟକୀୟ ପୁଷ୍ଟିକର ଭିଟାମିନ୍ ଏ ମିଳିଥାଏ ଯାହା ଦୃଷ୍ଟି ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ।

**ମଧୁମେହ ରୋଗୀଙ୍କ ପାଇଁ ଲାଭ ଦାୟକ :** ମଧୁମେହ ରୋଗୀଙ୍କୁ ପ୍ରାୟତଃ ଭୃସଙ୍ଗ ପତ୍ର ଚୋବାଇବାକୁ ପରାମର୍ଶ ଦିଆଯାଏ। କାରଣ ଏଥିରେ ହାଇପୋଗ୍ଲାଇସେମିକ୍ ଗୁଣ ରହିଥାଏ ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିଥାଏ।

**ହଜମ ପ୍ରକ୍ରିୟାରେ ଉନ୍ନତି :** ଭୃସଙ୍ଗ ପତ୍ରକୁ ପ୍ରତିଦିନ ସକାଳେ ଖାଲି ପେଟରେ ଚୋବାଇବା ଉଚିତ୍। କାରଣ ଏହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ ଏବଂ କୋଷ୍ଠକାଠିନ୍ୟ, ଅମ୍ଳତା, ପେଟ ଫୁଲିବା ଭଳି ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ।

**ଇନ୍‌ଫେକ୍ସନ୍‌ରୁ ମୁକ୍ତି :** ଭୃସଙ୍ଗ ପତ୍ରରେ ଆଣ୍ଟିଫଙ୍ଗାଲ୍ ଏବଂ ଆଣ୍ଟିବାୟୋଟିକ୍ ଗୁଣ ମିଳିଥାଏ, ଯାହା ଅନେକ ପ୍ରକାରର ସଂକ୍ରମଣକୁ ରୋକିଥାଏ ଏବଂ ରୋଗ ହେବାର ଆଶଙ୍କା ଦୂର କରିଥାଏ।

**ଓଜନ କମ୍ ହୋଇଥାଏ :** ଭୃସଙ୍ଗ ପତ୍ର ଓଜନ କମାଇବା ଏବଂ ପେଟର ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ। କାରଣ ଏଥିରେ ଇଥିଲ ଏସିଟେଟ, ମହାନିମ୍ବାଇନ୍ ଏବଂ ଡିକ୍ଲୋରୋମେଟେନ୍ ଭଳି ପୋଷକ ତତ୍ତ୍ୱ ରହିଥାଏ।

# ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଦୂର କରେ ଘିଅ

କ୍ଷୀର ଓ ଘିଅର ଏକାଠି ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ମିଳିଥାଏ। କ୍ଷୀର ଓ ଘିଅ ଅନେକ ପୋଷକ ତତ୍ତ୍ୱର ଗୁଣରେ ଭରପୁର। ମାତ୍ର ଉଭୟଙ୍କୁ ଏକାଠି ସେବନ କରିବା ଦ୍ୱାରା ଏହାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଦ୍ୱିଗୁଣିତ ହୋଇଯାଏ। ଘିଅରେ ଭରପୁର ମାତ୍ରାରେ ଭିଟାମିନ ଏ ଓ କେ,ପ୍ରୋଟିନ ଓ ଆଣ୍ଟି-ଅକ୍ସିଡାଣ୍ଟ ଭଳି ପୋଷକ ତତ୍ତ୍ୱ ରହିଛି। ସେହିଭଳି କ୍ଷୀରରେ ଭିଟାମିନ ଡି, ପ୍ରୋଟିନ,କ୍ୟାଲସିୟମ ଆଦି ଭରପୁର ମାତ୍ରାରେ ରହିଛି। ଆୟୁର୍ବେଦରେ ମଧ୍ୟ ଏହାର ଉପକାରିତା ବିଷୟରେ ବର୍ଣ୍ଣନା କରାଯାଇଛି।ଏହାକୁ ସେବନ କରିବା ଦ୍ୱାରା



ଶରୀର ଭିତରେ ପାଚନ ଏନଜାଇମ୍‌ର ଶକ୍ତିକୁ ଆହୁରି ବଢାଇଥାଏ। ଫଳରେ ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଖାଦ୍ୟ ଭଲ ଭାବେ ହଜମ କରିଥାଏ।ଘିଅ ମାନସିକ ଦୁଶ୍ଚିନ୍ତାକୁ ଦୂର କରିବା ସହ ମନ, ମସ୍ତିଷ୍କକୁ ସୁସ୍ଥ ଓ ଶାନ୍ତ ରଖିଥାଏ। ଉତ୍ତମ ନିଦ ହେବା ସହ ଅନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ। ଆପଣଙ୍କର ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଓ ଶରୀରରେ ଯନ୍ତ୍ରଣା ହେଉଥିଲେ ନିୟମିତ ଭାବେ ଏହାର ସେବନ କରନ୍ତୁ। କ୍ଷୀରରେ ଭରପୁର ମାତ୍ରାରେ କ୍ୟାଲସିୟମ ରହିବା ସହ ଘିଅରେ ଭିଟାମିନ ପ୍ରଚୁର ମାତ୍ରାରେ ରହିଛି। ଏହା ହାଡକୁ ସୁସ୍ଥ ରଖି ମଜଭୂତ କରିବା ସହ ଯନ୍ତ୍ରଣା ଦୂର କରିଥାଏ। କ୍ଷୀରରେ ଘିଅ ମିଶାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।

ଘିଅ ଓ କ୍ଷୀର ଉଭୟ ପ୍ରାକୃତିକ ମଶ୍ଚୁରାଇଜର। ଏହା ତ୍ୱଚାକୁ ସୁସ୍ଥ ରଖିବା ସହ ଚମକ ବୃଦ୍ଧି କରିଥାଏ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହାକୁ ମିଶାଇ ଏକାଠି ପିଇବା ଦ୍ୱାରା ତ୍ୱଚା ବେଶ ନରମ,ଗୋରା ଉଜ୍ଜ୍ୱଳ କରିଥାଏ।

ନିୟମିତ ରାତିରେ ଏହାକୁ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ଶରୀରର ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ।

# ପ୍ରତିଦିନ ପିଜା ଖାଉଛନ୍ତି କି ?



ଆପଣ ନିଜ ଡାଏଟକୁ ନେଇ ହୋଇଯାଆନ୍ତୁ ଅଧିକ ସଜାଗ । କାରଣ ପ୍ରତିଦିନ ଖାଇବାରେ ଆପଣ ଏପରି ଜିନିଷ ଖାଉଛନ୍ତି ଯାହାକୁ ଥରେ ଖାଇଲେ ଜୀବନର କିଛି ମିନିଟ୍ କମିଯାଉଛି। ସେହିପରି କିଛି ପୁଷ୍ଟିକର ଖାଦ୍ୟ ଖାଇଲେ ଏହାର ପରିଣାମ ସ୍ୱରୂପ ଆପଣ କିଛି ମିନିଟ୍ ଅଧିକ ବଞ୍ଚିବାର ସୌଭାଗ୍ୟ ପାଉଛନ୍ତି। ଯେପରି ଥରେ ପିଜା ଖାଇଲେ ଆପଣଙ୍କ ଆୟୁଷ ୭.୮ ମିନିଟ୍ ପର୍ଯ୍ୟନ୍ତ କମ୍ ହେଉଛି। ସେହିପରି ସୋଲମନ ଫିସ୍ ଖାଇଲେ ଆୟୁ ୧୩.୫ ମିନିଟ୍ ବଢୁଛି। ତେଣୁ ଯାହା ଖାଉଛନ୍ତି ଭାବିଚିନ୍ତି ଖାଆନ୍ତୁ। ଏପରି ଷ୍ଟଡି କରି କେଉଁ ଖାଦ୍ୟ ଖାଇବେ ନ ଖାଇବେ ତାହା ଉପରେ ବିସ୍ତୃତ ଭାବେ କହିଛନ୍ତି ମିଶିଗନ ବିଶ୍ୱବିଦ୍ୟାଳୟର ପ୍ରଫେସର ।

ସମସ୍ତେ ଅଧିକ ଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନ ବଞ୍ଚିବାକୁ ଚାହାଁନ୍ତି। ଲମ୍ବା ଆୟୁଷ ସମସ୍ତଙ୍କ ପସନ୍ଦ। ହେଲେ ଆମ ଖାଦ୍ୟାଭାସର ପ୍ରଭାବ ଆମ ଆୟୁଷ ଉପରେ ପଡିଥାଏ। ଯାହାଫଳରେ ଆଜି କାଲି ଖୁବ୍ କମ୍ ବୟସରେ ଯୁବବର୍ଗ ଅକାଳ ମୃତ୍ୟୁମୁଖରେ ପଡୁଛନ୍ତି। ୱାର୍ଲ୍ଡ ଲାଇଫ୍ ବିଶେଷଜ୍ଞଙ୍କ କହିବାନୁଯାୟୀ, ଭାରତରେ ସାଧାରଣତଃ ପୁରୁଷଙ୍କ ହାରାହାରି ବୟସ ୬୯.୫ ଓ ମହିଳାଙ୍କ ଆୟୁଷ ୭୨.୨ ରହିଛି। ହାର୍ଟ ସମ୍ବନ୍ଧିତ ବେମାରୀ, ଫୁସଫୁସଜନିତ ବେମାର, ଷ୍ଟ୍ରୋକ, ଡାଇବେଟିସ ସମେତ ପାଖାପାଖି ୫୦ ପ୍ରକାର ରୋଗ ଏବେ ଅକାଳ ମୃତ୍ୟୁର କାରଣ ସାଜୁଛି। ଯାହାକି ଯୁବବର୍ଗଙ୍କ ପାଇଁ ଏକ ବଡ ସତର୍କ ଘଣ୍ଟି ଭାବେ ଉଭା ହୋଇଛି। ବୈଜ୍ଞାନିକଙ୍କ ମତ ଅନୁଯାୟୀ, ଯିଏ ଭଲ ଖାଦ୍ୟାଭାଦ ରଖିଥାଏ ସେ ଦୀର୍ଘାୟୁ ହୋଇଥାଏ। ଏହାବାଦ ଯିଏ ଅଧିକ ଫାଷ୍ଟଫୁଡ, ତେଲମସଲା ଜାତୀୟ ଖାଦ୍ୟେ ଖାଇଥାଏ ତାହାର ଆୟୁଷ କମିଥାଏ।

### ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍

# ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନରେ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର : ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଏହି ପ୍ରତିଷ୍ଠାନ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ କ୍ଷେତ୍ରରେ ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନ ହାସଲ କରିଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନଏଚ୍ଏ) ଦ୍ୱାରା ଚଳିତ ମାସ ୧୯ ଏବଂ ୨୦ରେ, ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏନଏଚ୍ଏ ସିଇଓ ଡ. ସୁନୀଲ କୁମାର ବର୍ଣ୍ଣୱାଲ, ରାଜସ୍ଥାନର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଗାୟତ୍ରୀ ରାଠୋର, ମେଘାଳୟର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ସମ୍ପଥ କୁମାର, ଓଡ଼ିଶାର ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଡ. ବୃନ୍ଦା ଡି. ଏବଂ ଏନଏଚ୍ଏ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

ଦୁଇ ଦିନିଆ ଚିନ୍ତନ ଶିବିରରେ ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ ଅଧୀନରେ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା ଏବଂ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଥିଲେ। ୨୭ଟି ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ. ପି. ନଡ୍ଡା ଜୀ'ଙ୍କ ବଳିଷ୍ଠ ମାର୍ଗଦର୍ଶନରେ, ଏମ୍ସ ଭୁବନେଶ୍ୱର ନାଗରିକ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବାରେ ବିଶେଷ ପ୍ରଯତ୍ନ କରିଚାଲିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି।

ଏମ୍ସ ଭୁବନେଶ୍ୱର ଏବିଡିଏମ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି, ଯେଉଁଥିରେ ୪୨ ଲକ୍ଷ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍, ୧୯ ଲକ୍ଷ ଆଭା ଟୋକନ୍ ସୃଷ୍ଟି ଅନ୍ତର୍ଭୁକ୍ତ।

# ଓଡ଼ିଶାରେ ଏପ୍ରିଲ୍ ୧୬ରୁ ପ୍ରଥମ ପର୍ଯ୍ୟାୟ ଜନଗଣନା

ଭୁବନେଶ୍ୱର : ଓଡ଼ିଶାରେ ଏପ୍ରିଲ୍ ୧୬ରୁ ହେବ ପ୍ରଥମ ପର୍ଯ୍ୟାୟ ଜନଗଣନା । ଏପ୍ରିଲ ୧୬ରୁ ମେ ୧୫ ଯାଏଁ ଚାଲିବ ଏହି ଜନଗଣନା । ୩୦ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ । ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପାତ୍ର ଗଣନା ହେବ । ୨୦୨୭ ମସିହା ଫେବ୍ରୁଆରି ମାସରେ ହେବ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ । ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନ ଗଣନା । ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର । ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକରେ ତାରିଖ ଧାର୍ଯ୍ୟ ହୋଇଥିଲା । ରାଜ୍ୟରେ ଜନଗଣନା ପାଇଁ ୬ ମାସ ଧରି ପ୍ରସ୍ତୁତି ଚାଲିଥିଲା । ଭୁବନେଶ୍ୱର କଟକରେ ପ୍ରୀ ଟେଷ୍ଟ ସରିଛି । ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଦିଆଯିବ ଟ୍ରେନିଂ । ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ । ୬ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପ୍ରଭାଇଜର ନିଯୁକ୍ତ ହେବେ । ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀ ନିଯୁକ୍ତ କରାଯିବ । ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଆର୍ଥିକ ପ୍ରତସୋହନ ଦିଆଯିବ । ଏପ୍ରିଲ ୧୬ରୁ ମେ ୧୫ ଭିତରେ ପ୍ରଥମ ଫେଜରେ ଘର ମାର୍କ ହେବ । ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନ ଗଣନା ହେବ ।

# ବଢ଼ିବ ବିଜୁଳି ଶୁଳ୍କ !



ଭୁବନେଶ୍ୱର : ରାଜ୍ୟବ୍ୟାପୀ ସ୍ମାର୍ଟ ମିଟର, ବିତରକ କମ୍ପାନୀଙ୍କର ଅତିରିକ୍ତ ସୁରକ୍ଷା ଜମା(ଏଏସ୍) ଯାତନାରୁ ସାଧାରଣ ଲୋକେ ମୁକୁଳିପାରି ନ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷରୁ ରାଜ୍ୟରେ ବିଜୁଳି ଶୁଳ୍କ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ୨୦୨୬- ୨୭ ଆର୍ଥିକ ବର୍ଷ ପାଇଁ ବିତରଣ ସେବାରେ ଥିବା ୪ଟି ଯାକ ବିତରକ କମ୍ପାନୀ ସାଙ୍ଗକୁ ସରକାରଙ୍କ ୪ଟି ପ୍ରମୁଖ ଶକ୍ତି ଉଦ୍ୟୋଗ ଗ୍ରୀଡ୍, ଓପିଟିସିଏଲ୍, ଓପିଜିସି ଏବଂ ଓଏଚ୍ସି ମଧ୍ୟ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍ସି) ଙ୍କ ନିକଟରେ ଦାବି ରଖୁଛନ୍ତି। ଓଇଆରସିରେ ବିଜୁଳି ଦର ନେଇ ଆସନ୍ତା ଫେବ୍ରୁଆରୀରୁ ଶୁଣାଣି ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଆର୍ଥିକ ବର୍ଷରେ ବିଜୁଳି ଦର ବୃଦ୍ଧି ହେବ ବୋଲି ଆପାତତଃ ସ୍ଥିର ହୋଇସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ ମଧ୍ୟ ଗତ ବର୍ଷରେ ୬୬୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇ ବିଜୁଳି ମୂଲ୍ୟ ବୃଦ୍ଧି ପାଇଁ ଦାବି କରିଛନ୍ତି। ଅପରପକ୍ଷେ ଗ୍ରୀଡ୍କୋ ପୂର୍ବବର୍ଷରେ (୨୦୨୪-୨୫) ୩୪୭ କୋଟି ଟଙ୍କା ଲାଭ କରିଥିବା ବେଳେ ପାଇକାରୀ ବିକ୍ରି ମୂଲ୍ୟକୁ ୟୁନିଟ ପିଛା ୫୮ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛନ୍ତି। ସେହିପରି ଓପିଟିସିଏଲ ୨୩୮ କୋଟିଟଙ୍କା ଲାଭ କରିଥିବା ବେଳେ ବିଦ୍ୟୁତ ସଂଚାରଣ ଖର୍ଚ୍ଚ ୟୁନିଟ ପିଛା ୧୦ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛି। ଓପିଜିସି ୫୩୪ କୋଟିଟଙ୍କା ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଶକ୍ତି କେନ୍ଦ୍ର ପାଇଁ (୧୩୨୦ ମେଗାୱାଟ) ଉତ୍ପାଦନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଗତବର୍ଷ ଦରଖାସ୍ତ ଦାଖଲ କରିଥିଲେ ବି ଏପର୍ଯ୍ୟନ୍ତ ଆୟୋଗ ଫଇସଲା କରିନାହାନ୍ତି। ତେବେ କ୍ରୟଚୁକ୍ତି ଆଳରେ ଓଇଆର୍ସି ଅଧିନିୟମକୁ ଫାଙ୍କିଦେଇ ଓପିଜିସି ଉତ୍ପାଦନ ମୂଲ୍ୟକୁ ବର୍ଷକୁ ବର୍ଷ ବୃଦ୍ଧିକରି ସମୁଦାୟ ଲାଭକୁ ୨୩୪୮ କୋଟି ଟଙ୍କାରେ ପହଞ୍ଚାଇଛି।

# ମହାନ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର :ଇଂରେଜ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୋଧରେ ଓଡ଼ିଶାର ମାଟିରୁ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ପ୍ରଜ୍ୱଳିତ କରିଥିବା ପାଇକ ବିଦ୍ରୋହର ଅମର ନାୟକ, ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଅଦମ୍ୟ ସାହସ, ଅସୀମ ବୀରତ୍ୱ, ଅପୂର୍ବ ରଣକୌଶଳ ଓ ମାଟି ମା' ପାଇଁ ନିସ୍ୱାର୍ଥ ସେବା ଓଡ଼ିଶା ସହ ସମଗ୍ର ଭାରତବର୍ଷ ପାଇଁ ପ୍ରେରଣାର ପ୍ରତୀକ। ଏହି ମହାନ ବିପ୍ଳବୀଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ୍ ଛକରେ ଥିବା ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ବୀରତ୍ୱ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଜିତେନ୍ଦ୍ରିୟ ଜେନା, ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରମୋଦିନୀ ଟେଟେ, ସହାୟକ କାର୍ଯ୍ୟକ୍ରମ ସମନ୍ୱୟକାରୀ (ଏ.ପି.ସି) ଶ୍ରୀମତୀ ବାସନ୍ତୀ ମହାଳି, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଶ୍ରୀ ଭାଗବତ ଦାସଙ୍କ ସହ ଉତ୍କଳ ସମ୍ମିଳନୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ସ୍କୁଲ୍‌ରେ ପିଲା ସପ୍ତାହେ ଅନୁପସ୍ଥିତ ରହିଲେ ଘରକୁ ଯିବେ ଶିକ୍ଷକ

ଭୁବନେଶ୍ୱର : ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନିୟମିତ ନ ଗଲେ ଘରକୁ ଯିବେ ଶିକ୍ଷକ । ସପ୍ତାହେ ପିଲା ସ୍କୁଲ୍‌କୁ ନଆସିଲେ ଘରକୁ ଯାଇ କାହିଁକି ପିଲା ଅନୁପସ୍ଥିତ ଅଛନ୍ତି ବୁଝିବେ ସ୍କୁଲ୍ କର୍ତ୍ତୃପକ୍ଷ । ଏନେଇ ସମସ୍ତ ଡିଇଓ ଓ ବିଇଓଙ୍କୁ ଚିଠି ଲେଖିଲା ସ୍କୁଲ୍ ଓ ଗଣଶିକ୍ଷା ବିଭାଗ । ବିଶେଷ କରି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ବଢୁଥିବା 'ଡ୍ରପ୍‌ଆଉଟ୍' ହାରକୁ କମାଇବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି ।

ଯଦି କୌଣସି ପିଲା ସ୍କୁଲକୁ ସପ୍ତାହେ ଧରି ଅଆସନ୍ତି, ତେବେ ଘରକୁ ସ୍କୁଲ କର୍ତ୍ତୃପକ୍ଷ ଯିବେ । କାହିଁକି ସ୍କୁଲ ଆସୁନାହିଁ ପିଲା ? ସ୍କୁଲକୁ ଆସିବାରେ ଅସୁବିଧା କଣ ରହିଛି ? ଏହି ସମସ୍ତ ତଥ୍ୟ ସଂଗ୍ରହ କରିବେ। ବାପା-ପାଆଙ୍କ ସହିତ ଆଲୋଚନା କରିବେ । ପିଲାକୁ ପୁଣି ସ୍କୁଲକୁ ଫେରାଇ ଆଣିବାକୁ ଚେଷ୍ଟା କରିବେ । ଏହା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ପାଇଁ କାର୍ଯ୍ୟକାରୀ ବାଧ୍ୟତାମୂଳକ ବୋଲି ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ କୁହାଯାଇଛି। ସରକାରଙ୍କ ଏହି ପ୍ରୟାସ ଦ୍ୱାରା ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେବ ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଶିକ୍ଷକମାନେ ନିକଟରୁ ବୁଝିପାରିବେ । ରାଜ୍ୟରେ ଶିକ୍ଷା ହାର ବଢ଼ାଇବା ଏବଂ ପ୍ରତ୍ୟେକ ଶିଶୁକୁ ଶିକ୍ଷାର ଅଧିକାର ପ୍ରଦାନ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି ।

# ଅଙ୍ଗନବାଡି କର୍ମଚାରୀଙ୍କ ବକେୟା ପ୍ରଦାନ ନହେଲେ ସୁଧ ଗଣିବେ ସରକାରୀ ବାବୁ

କଟକ : ରାଜ୍ୟ ସରକାର ନିଜ କର୍ମଚାରୀଙ୍କ ପ୍ରତି ଏକ 'ଆଦର୍ଶ ନିଯୁକ୍ତିଦାତା' ଭାବେ ଆଚରଣ କରିବା ଉଚିତ । ଜଣେ କର୍ମଚାରୀଙ୍କୁ ତାଙ୍କର ନ୍ୟାଯ୍ୟ ଦରମାରୁ ବଞ୍ଚିତ କରିବା ତାଙ୍କର ଜୀବିକା ନିର୍ବାହ ଅଧିକାରକୁ କ୍ଷୁଣ୍ଣ କରୁଛି। ଦରମାରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ସିଧାସଳଖ ଉଲଂଘନ। କାର୍ଯ୍ୟ କରିବା ପରେ କୌଣସି କର୍ମଚାରୀଙ୍କ ଦରମା ଅଟକାଇ ରଖିବା ସରକାରଙ୍କ ପକ୍ଷେ ଗ୍ରହଣୀୟ ନୁହେଁ । ବୋଲି କହିଛନ୍ତି ହାଇକୋର୍ଟ। ପୁଷ୍ପାଞ୍ଜଳି ସାହୁ ନାମକ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଦୀର୍ଘ ଦିନ ଧରି ଦରମାରୁ ବଞ୍ଚିତ କରାଯିବା ଘଟଣାରେ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି। ଆବେଦନକାରୀ ଅଙ୍ଗନବାଡ଼ି କର୍ମୀଙ୍କ ବକେୟା ଦରମା ୧୫ ଦିନ ମଧ୍ୟରେ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମୟ ସୀମାରେ ଏହି ଅର୍ଥ ପ୍ରଦାନ କରା ନଗଲେ, ପ୍ରତିପକ୍ଷ ସରକାରୀ ଅଧିକାରୀ ବାର୍ଷିକ ୯ ପ୍ରତିଶତ ସୁଧ ଗଣିବେ ଗଣିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ, ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ପ୍ରଥମଖଣ୍ଡି ପଞ୍ଚାୟତର ୬ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରରେ ଆବେଦନକାରୀ ୨୦୨୫ ଜୁଲାଇ ୨୪ରୁ ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ଦିନଠାରୁ ସେ ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ମାସିକ ଦରମା ପ୍ରଦାନ କରାଯାଇନଥିଲା। ବାରମ୍ବାର ଆବେଦନ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# 'ହୁ'ରୁ ଓହରିଗଲା ଆମେରିକା: ସଦସ୍ୟତା ସମାପ୍ତି ଘୋଷଣା




ୱାଶିଂଟନ୍: ଆମେରିକା ଆନୁଷ୍ଠାନିକ ଭାବେ ଘୋଷଣା କରିଛି ଯେ ଏହା 'ହୁ' (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ)ରୁ ଓହରିଯାଇଛି। ଏଥିସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଆମେରିକାର ସଦସ୍ୟତା ଶେଷ ହୋଇଛି। ଆମେରିକାର ଏଭଳି ପଦକ୍ଷେପ ମଧ୍ୟ ଟ୍ରମ୍ପ ପ୍ରଶାସନର ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରୁଛି। ଟ୍ରମ୍ପଙ୍କର ଦ୍ୱିତୀୟ ପାଳି କାର୍ଯ୍ୟକାଳର ପ୍ରଥମ ଦିନରେ ଆମେରିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରିଯିବ ବୋଲି କୁହାଯାଇଥିଲା। ଆମେରିକା ସ୍ୱାସ୍ଥ୍ୟ ଓ ବିଦେଶ ବିଭାଗ ପକ୍ଷରୁ ଆଜି ଏନେଇ ଏକ ପ୍ରେସ୍ ବିବୃତି ଜାରି କରି କୁହାଯାଇଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକା ଓହରିଯାଇଛି ଏବଂ ଆମେ ଆମର ସଦସ୍ୟତା ଶେଷ କରିଛୁ।

ତେବେ କେତେକ ସୀମିତ ଦିଗରେ 'ହୁ' ସହ କାମ କରିବା ଜାରି ରହିବ। ଜଣେ ବରିଷ୍ଠ ସରକାରୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ଆମର ପର୍ଯ୍ୟବେକ୍ଷକ ଭାବେ ଅଂଶଗ୍ରହଣ କରିବାର କୌଣସି ଯୋଜନା ନାହିଁ କି ପୁନର୍ବାର ଯୋଗ ଦେବାର ମଧ୍ୟ କୌଣସି ଯୋଜନା ନାହିଁ। ରୋଗ ନିରୀକ୍ଷଣ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଗୁରୁତ୍ୱ ଥିବା କ୍ଷେତ୍ର ଉପରେ ଆମେରିକା କେ ?ଣସି ଅନ୍ତର୍ଜାତୀୟ ଅନୁଷ୍ଠାନ ବ୍ୟତୀତ ଅନ୍ୟ ରାଷ୍ଟ୍ରମାନଙ୍କ ସହ ସିଧାସଳଖ କାମ କରିବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି।

# ମୁସଲମାନଙ୍କ ପ୍ରତି ଦୁର୍ବ୍ୟବହାର କଲେ ଭାରତ ହିନ୍ଦୁ ରାଷ୍ଟ୍ର ହୋଇପାରିବ ନାହିଁ: ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ



ଲକ୍ଷ୍ନୌ: ପ୍ରାୟତଃ ନିଜ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହୁଥିବା ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ପୁଣି ଥରେ ଖବରରେ ଅଛନ୍ତି। ବର୍ତ୍ତମାନ ଶାସ୍ତ୍ରୀ ଉତ୍ତର ପ୍ରଦେଶର ବନ୍ଦାରେ ଅଛନ୍ତି। ଏକ କାର୍ଯ୍ୟକ୍ରମରେ ବାଗେଶ୍ୱର ଧାମର ମୁଖ୍ୟ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି ଯେ, ହିନ୍ଦୁମାନେ ଗୋଟିଏ କଥା ମନେ ରଖିବା ଉଚିତ ମୁସଲମାନମାନଙ୍କୁ ଦୁର୍ବ୍ୟବହାର କରି ଭାରତ ହିନ୍ଦୁ ରାଷ୍ଟ୍ର ହୋଇ ପାରିବ ନାହିଁ। ହିନ୍ଦୁମାନଙ୍କୁ ସେମାନଙ୍କର ତ୍ରୁଟି ସୁଧାରିବାକୁ ପଡିବ, ତେବେ ହିଁ ଭାରତ ଏକ ହିନ୍ଦୁ ରାଷ୍ଟ୍ର ହେବ।

ଧୀରେନ୍ଦ୍ର ଶାସ୍ତ୍ରୀ କହିଛନ୍ତି, ଭାରତ କେବଳ ସେତେବେଳେ ହିନ୍ଦୁ ରାଷ୍ଟ୍ର ହେବ ଯେତେବେଳେ ଆମେ ଆମର ସନାତନ ଧର୍ମର ତ୍ରୁଟିଗୁଡ଼ିକର ସୁଧାର କରିବୁ। ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର କରିବାର ଗୋଟିଏ ଉପାୟ ହେଉଛି, ଜାତିବାଦକୁ ଅଣଦେଖା କରିବା, ଆମେ ସମସ୍ତେ ହିନ୍ଦୁ ଭାଇ। ଜାତିବାଦକୁ ଦୂର କରିବା ବିଷୟରେ ଧୀରେନ୍ଦ୍ର କୃଷ୍ଣଙ୍କ ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଦେଶ ନୂତନ ୟୁଜିସି ନିୟମାବଳୀକୁ ନେଇ ବିବାଦରେ ଫସି ରହିଛି।

# ଯୁଦ୍ଧ ହେଲେ 'ଗୁପ୍ତ ସୋନିକ୍ ଅସ୍ତ୍ର' ବ୍ୟବହାର କରିବ ଆମେରିକା



ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଧରିବା ପାଇଁ ଆମେରିକା ଏକ 'ଗୁପ୍ତ ସୋନିକ୍ ଅସ୍ତ୍ର' ବ୍ୟବହାର କରିଥିଲା। ନ୍ୟୁଜ୍ ନେସନକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା ସେନା ପାଖରେ ଥିବା ଗୁପ୍ତ ସୋନିକ୍ ଅସ୍ତ୍ର ଅନ୍ୟ କାହା ପାଖରେ ନାହିଁ। ସେ ଆହୁରି କହିଛନ୍ତି ଯେ ଆମେରିକା ପାଖରେ ଏପରି କିଛି ଅସ୍ତ୍ରଶସ୍ତ୍ର ଅଛି ଯାହା ବିଷୟରେ ଅନ୍ୟ କେହି ଜାଣି ନାହାନ୍ତି।

ଜାନୁଆରି ୩ରେ ମାଦୁରୋଙ୍କୁ ଧରିବା ପାଇଁ ବ୍ୟବହୃତ ରହସ୍ୟମୟ ଅସ୍ତ୍ରଶସ୍ତ୍ର ବିଷୟରେ ଆମେରିକାର ରାଷ୍ଟ୍ରପତି କୌଣସି ବିବରଣୀ ଦେଇନାହାନ୍ତି। ସାକ୍ଷାତ୍‌କାର ସମୟରେ ଟ୍ରମ୍ପ କହିଛନ୍ତି ଯେ ଏହାର ବୈଶିଷ୍ଟ୍ୟର ସବିଶେଷ ତଥ୍ୟ ଭିତରକୁ ନ ଯିବା ବୋଧହୁଏ ଭଲ। କିନ୍ତୁ ଆମ ପାଖରେ କିଛି ଆଶ୍ଚର୍ଯ୍ୟଜନକ ଅସ୍ତ୍ରଶସ୍ତ୍ର ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଉପରେ ଟ୍ରମ୍ପ କହିଛନ୍ତି, ଏହା ଏକ ଆଶ୍ଚର୍ଯ୍ୟଜନକ ଆକ୍ରମଣ ଥିଲା। ମାଦୁରୋ ଆମେରିକାରେ ଡ୍ରଗ୍ସ କାରବାର କରୁଥିବା ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି, ଯାହାକୁ କାରାକାସ୍ ବ୍ୟାପକ ଭାବରେ ପ୍ରତ୍ୟାଖ୍ୟାନ କରିଛି। ଏହି ଚଢ଼ଉର କିଛି ଘଣ୍ଟା ପରେ ଭେନେଜୁଏଲାର ଆଭ୍ୟନ୍ତରୀଣ ମନ୍ତ୍ରୀ କହିଛନ୍ତି ଯେ ମାଦୁରୋଙ୍କ କମ୍ପାଉଣ୍ଡରେ ହୋଇଥିବା ଆକ୍ରମଣରେ ଅତି କମ୍‌ରେ ୧୦୦ ଜଣଙ୍କର ମୃତ୍ୟୁ ଘଟିଛି। ତଥାପି ଏହା ସ୍ପଷ୍ଟ ହୋଇନାହିଁ ଯେ ଏହି ମୃତ୍ୟୁ ଉପରୋକ୍ତ ଗୁପ୍ତ ସୋନିକ୍ ଅସ୍ତ୍ରର ବ୍ୟବହାର ସହିତ ଜଡିତ କି ନାହିଁ।

ଗୁପ୍ତ ସୋନିକ୍ ଅସ୍ତ୍ରର ବିବରଣୀକୁ ନେଇ ପ୍ରଶ୍ନ ବଢୁଥିବା ବେଳେ ରୁଷ୍ ଏହି ଉପକରଣ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଆମେରିକାକୁ କହିଛି। ଆମେରିକା ପାଖରେ ଅସ୍ତ୍ରଶସ୍ତ୍ର ଥିବା ବିଷୟରେ ଟ୍ରମ୍ପ କ'ଣ କହିବାକୁ ଚାହୁଁଥିଲେ ସେ ବିଷୟରେ କ୍ରେମଲିନ୍ ଅଧିକ ସ୍ପଷ୍ଟତା ଦାବି କରିଛି। କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍କୋଭ୍ କହିଛନ୍ତି ଯେ ରୁଷ୍‌ର ସ୍ୱତନ୍ତ୍ର ସେବାକୁ ସୂଚନା ସଂଗ୍ରହ ଓ ବିଶ୍ଳେଷଣ ପାଇଁ ଦାୟିତ୍ୱ ଦିଆଯାଇଛି।

# ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବ ଆନ୍ଧ୍ର !

ବେଙ୍ଗାଲୁରୁ: ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆ ଭଳି ପ୍ରତିବନ୍ଧକ ଲଗାଇବ ଆନ୍ଧ୍ରପ୍ରଦେଶ। ଏ ନେଇ ଅଷ୍ଟ୍ରେଲିଆର ନିଷେଧାଦେଶ ଉପରେ ଅଧ୍ୟୟନ କରାଯାଉଛି ବୋଲି ଆନ୍ଧ୍ର ପ୍ରଯୁକ୍ତିବିଦ୍ୟା ଓ ମାନବ ସମ୍ବଳ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି।

ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ୍ ଅବସରରେ ନାରା ଲୋକେଶ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବୟସରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆରେ ରହିବା ଉଚିତ ନୁହେଁ କାରଣ ସେମାନେ ଯାହା ଦେଖୁଛନ୍ତି ତାହା ବୁଝନ୍ତି ନାହିଁ। ସୋସିଆଲ ମିଡିଆରେ ପ୍ରବେଶ କରୁଥିବା ନାବାଳକମାନଙ୍କ ପାଇଁ ଭାରତ ପିତାମାତାଙ୍କ ନିୟନ୍ତ୍ରଣ ଲାଗୁ କରିଛି, କିନ୍ତୁ ବ୍ୟାପକ ପ୍ରତିବନ୍ଧକ ଉପରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ମତ ପ୍ରକାଶ କରିନାହାନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଓ କ୍ଷତିକାରକ ଅନଲାଇନ୍ ବିଷୟବସ୍ତୁ ଉପରେ କଠୋର ନିୟନ୍ତ୍ରଣ ପାଇଁ କୋର୍ଟରେ ପିଟିସନ ଦାଖଲ କରାଯାଇଥିବାବେଳେ ରାଜ୍ୟ ସରକାର ଏପରି ବିଚାର କରୁଛନ୍ତି।

# ରଷ ବଦଳରେ ଆମେରିକାଠୁ ତେଲ କିଣିବ ଭାରତ !

ୱାଶିଂଟନ୍: ରଷ ବଦଳରେ ଆମେରିକା ଠାରୁ ତେଲ କିଣିବ କି ଭାରତ ? ଏହି ପ୍ରଶ୍ନ ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଭେନେଜୁଏଲାର ଅଶୋଧିତ ତୈଳ କିଣିବା ଆରମ୍ଭ କରିବାକୁ କହିଛନ୍ତି। ଟ୍ରମ୍ପ କହିଛନ୍ତି, ଭାରତ ଖୁବଶୀଘ୍ର ଭେନେଜୁଏଲାର ଅଶୋଧିତ ତୈଳ କିଣିବା ଆରମ୍ଭ କରିପାରେ, ରୁଷୀୟ ତୈଳର ବିକଳ୍ପ ଭାବରେ ଭାରତ ଭେନେଜୁଏଲାଠୁ ତୈଳ କିଣିପାରେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଏକ ସମୟରେ ଏହି ବୟାନ ଦେଇଛନ୍ତି, ଯେତେବେଳେ ଭାରତ ରଷଠାରୁ ତୈଳ କ୍ରୟକୁ ହ୍ରାସ କରିବାଠୁ ନିଷ୍ପତ୍ତି ନେଇଛି। ସୂଚନା ମୁତାବକ, ଆମେରିକାର ଟାରିଫ୍ ଲାଗୁ ପରେ ଭାରତ ରଷଠାରୁ ପ୍ରତିଦିନ ତୈଳ କ୍ରୟକୁ ହ୍ରାସ କରିବା ଦିଗରେ ଆଗକୁ ବଢୁଛି। ଡୋନାଲ୍ଡ ଟ୍ରମ୍ପ ମାର୍ଚ୍ଚ ୨୦୨୫ରେ ଭାରତ ସମେତ ଭେନେଜୁଏଲାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ ଏବଂ ଆମେରିକାର ସେନା ଜାନୁଆରୀ ୩ରେ ନିକୋଲାସ ମାଦୁରୋଙ୍କୁ ଗିରଫ କରିଥିଲା।


# ବିଜେପିର ଜାତୀୟ ଅଧ୍ୟକ୍ଷ ହେଲେ ନୀତିନ ନବୀନ



ନୂଆଦିଲ୍ଲୀ, (ପିଆଇବି):ଭାରତୀୟ ଜନତା ପାର୍ଟି (ବିଜେପି)ର କାର୍ଯ୍ୟକାରୀ ସଭାପତି ନୀତିନ ନବୀନଙ୍କୁ ଦଳର ନୂତନ ଜାତୀୟ ଅଧ୍ୟକ୍ଷ ଭାବରେ ନିର୍ବାଚିତ କରାଯାଇଛି। ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣ ଆଜି ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଶ୍ରୀ ନବୀନଙ୍କୁ ଦଳର ସଭାପତି ଭାବରେ ନିଯୁକ୍ତି ଘୋଷଣା କରିଛନ୍ତି ଏବଂ ସଂଗଠନ ପର୍ବରେ ନିର୍ବାଚନ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ନବୀନଙ୍କୁ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂହ, ଜେପି ନଡ୍ଡା ଏବଂ ନୀତିନ ଗଡକରୀ ସମ୍ମାନିତ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ନବନିଯୁକ୍ତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳର ସର୍ବୋଚ୍ଚ ପଦବୀରେ ପହଞ୍ଚିବାର ସୁଯୋଗ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ତାଙ୍କୁ ଦଳର ସଭାପତି ଭାବରେ ନିର୍ବାଚିତ କରିବା ପାଇଁ ଅନ୍ୟ ବରିଷ୍ଠ ବିଜେପି ନେତାମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ନବୀନ ଦଳର ପୂର୍ବତନ ଜାତୀୟ ସଭାପତିମାନଙ୍କୁ ମଧ୍ୟ ମନେ ପକାଇଥିଲେ ଏବଂ ଏହି ଅବସରରେ ଉପସ୍ଥିତ ପୂର୍ବତନ ରାଷ୍ଟ୍ରପତିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ସେ ୨୦୦୬ ମସିହାରେ ପ୍ରଥମ ଥର ପାଇଁ ବିଧାୟକ ହେବା ପରଠାରୁ ତାଙ୍କର ଅତୀତର ଯାତ୍ରାକୁ ମଧ୍ୟ ମନେ ପକାଇଥିଲେ। ଶ୍ରୀ ନବୀନ ଏହି ଦିନକୁ ସଂକଳ୍ପର ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ସ୍ୱପ୍ନକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଲୋକ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି।

# ମମତାଙ୍କ ପାଇଁ ମହଙ୍ଗା ପଡ଼ିପାରେ ଇଡି-ସିବିଆଇକୁ ଚ୍ୟାଲେଞ୍ଜ୍ କରିବା



ପଶ୍ଚିମବଙ୍ଗ: ଜାତୀୟ ରାଜନୀତିରେ ଏବେ ଏକ ରୋଚକ ପ୍ରଶ୍ନ ମୁଣ୍ଡଟେକିଛି । ଲାଲୁ, କେଜ୍ରିୱାଲ ଓ ସୋରେନଙ୍କ ପରେ କିଏ ଆଗାମୀ ଟାର୍ଗେଟ୍ । ଏହି ପ୍ରଶ୍ନ ସିଧାସଳଖ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆଡ଼କୁ ଇଙ୍ଗିତ କରୁଛି ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨୦୧୧ ମସିହାରେ ପ୍ରାୟ ୩୫ ବର୍ଷ ପୁରୁଣା ବାମପନ୍ଥୀ ଗଡ଼କୁ ଭାଙ୍ଗିବାରେ ସଫଳ ହୋଇଥିଲେ ଆଉ ତା'ପରଠୁ ତାଙ୍କର ରାଜନୈତିକ ସଫଳତା ଜାରି ରହିଛି । ବିଜେପିର ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ, ମମତା ବାନାର୍ଜୀ ୨୦୨୧ ମସିହାରେ ତୃତୀୟ ଥର ପାଇଁ ବଙ୍ଗରେ ସରକାର ଗଠନ କରିଥିଲେ । ୨୦୨୬ ମସିହାରେ ପ୍ରାୟ ଦୁଇ ମାସ ପରେ ହେବାକୁ ଥିବା ବଙ୍ଗ ବିଧାନସଭା ନିର୍ବାଚନକୁ ସୁନିଶ୍ଚିତ କରିବା ପାଇଁ ବିଜେପି ମଧ୍ୟ ସମସ୍ତ ପ୍ରୟାସ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଛଅ ମାସରେ ଅନେକ ଗସ୍ତ କରିଛନ୍ତି । ନିର୍ବାଚନ ପାଖେଇ ଆସିବା ସହିତ ତାଙ୍କର ଗସ୍ତ ତୀବ୍ର ହେବ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ନିକଟରେ ବଙ୍ଗ ଗସ୍ତ କରିଛନ୍ତି । ନବନିଯୁକ୍ତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ମଧ୍ୟ ଚଳିତ ବର୍ଷ ସମସ୍ତ ପାଞ୍ଚଟି ରାଜ୍ୟ ନିର୍ବାଚନରେ ବିଜେପିର ପତାକା ଉଡ଼ାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଫଳାଫଳ କଣ ହେବ ତାହା ଜନତା ନିର୍ଣ୍ଣୟ କରିବେ, କିନ୍ତୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ମମତା ବାନାର୍ଜୀଙ୍କ ସମ୍ପର୍କ କିଛି ଠିକ୍ ନାହିଁ । ଯାହାକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ମମତା । ଯଦି ସୁପ୍ରିମକୋର୍ଟ ଇଡି ଅଭିଯୋଗ ଉପରେ ନକାରାତ୍ମକ ରାୟ ଦିଅନ୍ତି, ତେବେ ମମତାଙ୍କ ସମସ୍ୟା ବଢ଼ିପାରେ । ଆଉ ଜନସାଧାରଣ ଜାଣିଛନ୍ତି, ସିବିଆଇ ଏବଂ ଇଡ଼ି ଜାଲରେ ଫଶି ପୂର୍ବରୁ କିଛି ମୁଖ୍ୟମନ୍ତ୍ରୀଙ୍କ ଭାଗ୍ୟ କଣ ହୋଇଛି ।

# ‘ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା’ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, (ବ୍ୟୁରୋ):ଓଡ଼ିଶାର ଅପାର ସମ୍ଭାବନା ଯଥା ପ୍ରାକୃତିକ ସମ୍ପଦ, ପ୍ରତିଭାବାନ ଯୁବଶକ୍ତି, ସୁଦୀର୍ଘ ବେଳାଭୂମିର ବନ୍ଦର ଏବଂ ନୂତନ ଯୁଗର ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ଏକ ସମୃଦ୍ଧ ଅର୍ଥନୈତିକ ଅଧ୍ୟାୟ ସୃଷ୍ଟି କରିବା ଆଜି ସମୟର ଆହ୍ୱାନ । ଓଡ଼ିଶାକୁ କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟ ଭାବେ ନୁହେଁ, ବରଂ ଏକ 'ଜ୍ଞାନ-ଆଧାରିତ ଅର୍ଥନୀତି' ଓ 'ମ୍ୟାନୁଫ୍ୟାକ୍‌ଚରିଂ ହବ୍' ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଆସିବାକୁ ଉଦ୍ୟୋଗୀ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଭୁବନେଶ୍ୱର ଠାରେ ଆୟୋଜିତ 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟର ଅପାର ସମ୍ଭାବନାର ସଠିକ୍ ଉପଯୋଗ ହିଁ ଓଡ଼ିଶାକୁ ଆଗାମୀ ଦିନରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା କରିବ । ବିଜ୍ଞାନ ଓ ବୈଷୟିକ କୌଶଳର ପ୍ରୟୋଗ ମାଧ୍ୟମରେ ସ୍ଥାନୀୟ ସମ୍ବଳକୁ ରୋଜଗାରକ୍ଷମ କରିବା ଏବଂ ବିଶ୍ୱସ୍ତରୀୟ ବଜାର ସହ ଯୋଡ଼ିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ।

ନୂତନ ଯୁଗର ଅର୍ଥନୀତିରେ ଓଡ଼ିଶାର ଅପାର ସମ୍ଭାବନା ରହିଥିବା ଦର୍ଶାଇ ସେ କହିଛନ୍ତି ଯେ, ରାଜ୍ୟ ଏବେ କେବଳ ଲୁହାପଥରରୁ ଷ୍ଟିଲ୍ ତିଆରି କରିବାରେ ସୀମିତ ନରହି 'ସ୍ପ?ଶାଲିଟି ଷ୍ଟିଲ୍' ଓ ଉଚ୍ଚମାନର ମ୍ୟାନୁଫ୍ୟାକ୍‌ଚରିଂ ଦିଗରେ ଆଗେଇବା ଆବଶ୍ୟକ । ବିଶେଷ କରି କ୍ରିଟିକାଲ ମିନେରାଲ୍ସ, ସେମିକଣ୍ଡକ୍ଟର, ଶକ୍ତି, ଏଗ୍ରିଟେକ୍, ଏଡୁଟେକ୍, ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳ ଏବଂ ଫିନଟେକ୍ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି । କୋରାପୁଟରେ ବକ୍ସାଇଟ୍ ବର୍ଜ୍ୟବସ୍ତୁରୁ 'ଗ୍ୟାଲିୟମ' ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି, ଯାହା ସେମିକଣ୍ଡକ୍ଟର ଦୁନିଆରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁରେ ରହିଛି । ରାଜ୍ୟର ବନ୍ଦର, ପ୍ରାକୃତିକ ସମ୍ପଦ ଏବଂ ବୈଷୟିକ ଜ୍ଞାନକୌଶଳର ସଠିକ୍ ସମନ୍ୱୟ ରକ୍ଷା କରି ଓଡ଼ିଶାକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଏବଂ ବିଶ୍ୱସ୍ତରୀୟ 'ମ୍ୟାନୁଫ୍ୟାକ୍‌ଚରିଂ ହବ୍' ଭାବେ ଗଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଓ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ପ୍ରତିଭାମାନଙ୍କୁ ନେଇ ଆମେ ଏକ ବଡ଼ ଇକୋସିଷ୍ଟମ ତିଆରି କରୁଛୁ ।

ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ନହୋଇ ମୂଲ୍ୟଯୁକ୍ତ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଆମର ଯୁବଶକ୍ତି ହେଉଛି ଆମର ବଡ଼ ପୁଞ୍ଜି ।

# ମହାନଦୀ ଜଳ ବିବାଦ, ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର( ସ୍ୱ ପ୍ର) : ମହାନଦୀ ଜଳ ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ରାଜୀବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ ଓ ସୋଫିଆ ଫିର୍ଦ୍ଦୋସ, ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ ।

ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କମିଟି ଛତିଶଗଡ ସହ ଆପୋଷ ସମାଧାନ ଦିଗରେ ଆଲୋଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଛତିଶଗଡ଼ ସରକାରଙ୍କ ସହ ଆଲୋଚନା କରାଯିବ ଏବଂ କମିଟି ଛତିଶଗଡ ଯାଇ ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବେ ।ସମାଧାନ ନିମନ୍ତେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୧୩ ତାରିଖରେ ଶେଷ ହେଉଥିବାରୁ ଏହାର ଅବଧି ବୃଦ୍ଧି ପାଇଁ ଆବେଦନ କରାଯାଇଛି । ସୂଚନାଯୋଗ୍ୟ ଯେ, ଦୀର୍ଘ ନ' ମାସ ଧରି ଟ୍ରିବ୍ୟୁନାଲର ଚେୟାରମ୍ୟାନ ପଦ ଖାଲି ପଡ଼ିଥିବାରୁ ଟ୍ରିବ୍ୟୁନାଲ କାର୍ଯ୍ୟରେ ଅଗ୍ରଗତି ହୋଇପାରି ନ ଥିଲା । ଖୁବଶୀଘ୍ର ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଏକ ସର୍ବଦଳୀୟ ବୈଠକ ଡାକି ଏହି ପ୍ରସଙ୍ଗରେ ଆଲୋଚନା କରିବେ । ଏଥିରେ ସମସ୍ତ ଦଳର ପ୍ରତିନିଧି ମହାନଦୀ ଜଳ ବିବାଦର ସମାଧାନ ନେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିବେ । ଏଥିସହିତ, ମହାନଦୀ ସହ ଜଡିତ ପରିବେଶବିତ୍, ସାମାଜିକ କର୍ମୀମାନଙ୍କ ସହ ମଧ୍ୟ ଏକ ଆଲୋଚନା କରିବା ପାଇଁ ଯୋଜନା ରହିଛି । ସମାଧାନ ସହ ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ମଧ୍ୟ ଆଲୋଚନା କରାଯାଇଛି । ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଖଲିଆକାନିରେ ୬୬ତମ ମକର ଯାତ୍ରା ପାଳିତ




ବ୍ରଜରାଜନଗର ( ନି ପ୍ର )- ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ଖଲିଆକାନି ରାଧାକୃଷ୍ଣ ଉନ୍ନୟନ ପରିଷଦ ଦ୍ୱାରା ଅଞ୍ଚଳର ସର୍ବ ବୃହତ୍ତମ ମକର ଯାତ୍ରା ଖଲିଆକାନି ସ୍ଥିତ ମକର ପଡ଼ିଆରେ ୬୬ତମ ମକର ଯାତ୍ରା ପାଳିତ ହୋଇଯାଇଛି । ଆବାହନ କାଳରୁ ସ୍ଥାନୀୟ ଖଲିଆକାନି ଗ୍ରାମରେ ହରିହରଙ୍କ ମିଳନ ତଥା ମକର ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ପ୍ରତ୍ୟେକ ବର୍ଷ ପରି ହରିଙ୍କୁ ରାଜପୁର କଣ୍ଡାପାଲି ଏବଂ ହରଙ୍କୁ ହଂସକ୍ଷ ମୁରା କଣ୍ଡାପାଲିରୁ ଅଣାଯାଇ ଖଲିଆକାନି ଗ୍ରାମରେ ରଖାଯାଇଥିଲା । ଆଜି ମକର ସଂକ୍ରାନ୍ତି ଦିନ ଗ୍ରାମ ମଣ୍ଡପରେ ଉଭୟ ହରି ଓ ହରଙ୍କୁ ମିଳନ କରାଯାଇ ପୂଜା ଅର୍ଚ୍ଚନା କରାଯାଇଥିଲା ।ହରିଙ୍କ କର୍ତ୍ତା ଭାବରେ ଗ୍ରାମର କାହ୍ନୁ ସେଟ ଓ ତାଙ୍କ ଧର୍ମପତ୍ନୀ କେତକି ବଢେଇ ରହିଥିବା ବେଳେ ହର ଙ୍କ କର୍ତ୍ତା ଭାବରେ ରବିନ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ କୁଷୁମିତା ପ୍ରଧାନ ରହିଥିଲେ । ହରିଙ୍କ ପୂଜକ ମନବୋଧ ପଣ୍ଡା ଓ ହରଙ୍କ ପୂଜକ ନବୀନ ମହାପାତ୍ର ରହିଥିଲେ । ପୂଜା ଓ ହରି ହର ଙ୍କ ମିଳନ ପରେ ମକର ଲଡୁ ବଣ୍ଟନ ହୋଇଥିଲା । ମକର ପଡ଼ିଆ ରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏହି ଅବସରରେ ମକର ପଡ଼ିଆ ଠାରେ ଏକ ସଭାର ଆୟୋଜନ କମିଟିର ସଭାପତି କ୍ଷୀରୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଉକ୍ତ ସଭାରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମକର ସଂକ୍ରାନ୍ତି ମକର ମହୋତ୍ସବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଜେଡି ଜିଲ୍ଲା ଉପ ସଭାପତି ତଥା ବିଶିଷ୍ଟ ଆଇନଜୀବୀ ବିଶ୍ୱନାଥ ନାୟକ, ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷ କ୍ରିଷ୍ଟ ଗୋପାଳ ସିତାନୀ, ଶିକ୍ଷାବିତ ପ୍ରଶାନ୍ତ ପାଟଯୋଶି ,କବି କ୍ଷିରୋଦ କୁଅଁର,କମିଟିର ଆଇନ ପରାମର୍ଶଦାତା ପବିତ୍ର ବିଶି,ଉପଦେଷ୍ଟା ରାଧାକାନ୍ତ ପ୍ରଧାନ,ପରାମର୍ଶ ଦାତା ମହେନ୍ଦ୍ର ନାୟକ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ ଦିବେନ୍ଦୁ ସାହୁ ଯୋଗ ଦେଇଥିଲେ ।

କମିଟିର ସଂପାଦକ ଲରେନ୍ସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ କମିଟିର ଉପଦେଷ୍ଟା ରାଧାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଡାକ୍ତର ଅର୍ପିତା ବଢେଇ, କମିଟି ପୂର୍ବତନ ସଭାପତି ଚୈତନ୍ୟ ପ୍ରଧାନ,ପ୍ରମେୟ ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ମେହେବୁ ମେହେତାବଙ୍କୁ ମାନପତ୍ର ସହ ଉପଢୌକନ ଦେଇ ରାଧାକୃଷ୍ଣ ଉନ୍ନୟନ ପରିଷଦ ପକ୍ଷରୁ ସମ୍ମାନୀତ କରାଯାଇଥିଲା ଶେଷରେ କମିଟି ଆଇନ ପରାମର୍ଶଦାତା ପବିତ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନୁକୂଳ ହେଲା ରଥକାଠ



ପୁରୀ : ବ୍ରହ୍ମାଣ୍ଡ ନାୟକଙ୍କ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳାରେ ତିନିଟି କାଠକୁ ବିଧି ମୁତାବକ ପୂଜା କରାଯାଇଛି । ରାଜନଅର ପକ୍ଷରୁ ଗଜପତିଙ୍କ ପ୍ରତିନିଧି ଭାବେ ଦେବୀପ୍ରସାଦ ରାଜଗୁରୁ ଓ ସୋତ୍ରୀୟ ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ପଞ୍ଚାମୃତ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ ଓ ମହାପ୍ରସାଦ ଅର୍ପଣ କରାଯାଇଥିଲା । ରଥ ନିର୍ମାଣ ସୃଜନୀ କାର୍ଯ୍ୟ ହୋଇଥିବାରୁ ମା' ବାଗଦେବୀଙ୍କୁ ଆବାହନ କରାଯାଇଥିଲା । ଏଥିସହ ବରୁଣ ପୂଜା ଏବଂ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ତାଙ୍କ ଯାତ୍ରା ନିର୍ବିଘ୍ନରେ ହେବା ପାଇଁ ପ୍ରାର୍ଥନା କରାଯାଇଥିଲା ।

ପୂଜା, ଆଳତି ସହ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍ ?ପି ପ୍ରତୀକ ସିଂହ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଓ ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜା ବିଧି ସମ୍ପନ୍ନ ହୋଇଥିଲା । ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ପାଇଁ ୪୨୬ ଖଣ୍ଡ ଧଉରା, ୩୬୪ ଖଣ୍ଡ ଅସନ, ୭୨ ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ, ଏପରି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ । ଗତବର୍ଷର ୪୭ ଖଣ୍ଡ କାଠ ବଳି ପଡିଥିଲା ।

## ଜିଲ୍ଲା ପ୍ରଶାସନର ନିଆରା ପ୍ରୟାସ, ୭ ବର୍ଷ ପରେ ପରିବାରକୁ ଫେରିଲେ ଧୁବଲେ

# ବିଚ୍ଛିନ୍ନ ପରିବାରକୁ ଯୋଡୁଛି ‘ସ୍ନେହ ସେତୁ’ ଅଭିଯାନ



ଝାରସୁଗୁଡ଼ା ( ନି ପ୍ର) - ଜିଲ୍ଲା ପ୍ରଶାସନର ମାନବିକ ଆଭିମୁଖ୍ୟ ଓ ନିରନ୍ତର ସେବା ମନୋଭାବ କାରଣରୁ ଗତ ୧୭ ତାରିଖ ପୁଣି ଏକ ବିଚ୍ଛିନ୍ନ ପରିବାର ମଧ୍ୟରେ ହସଫୁଟିଛି । ମାନସିକ ଅସୁସ୍ଥତା ଯୋଗୁଁ ଦୀର୍ଘ ୭ ବର୍ଷ ଧରି କଳାହାଣ୍ଡି ଭବାନୀପାଟଣାରୁ ନିଖୋଜ ଥିବା ଧୁବଲେ ଗାରିଆଙ୍କୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ଧୁବଲେଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଅଛି ।ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରୁ ଉଦ୍ଧାର ହେବା ପରେ ମିଶନ ଆଶାଲୋକଠାରେ ତାଙ୍କର ଚିକିତ୍ସା ଓ ସେବା କରାଯାଉଥିଲା । ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ 'ସ୍ନେହ ସେତୁ' ମାଧ୍ୟମରେ ପୂର୍ବରୁ ମଧ୍ୟ ଅନେକ ବ୍ୟକ୍ତିଙ୍କୁ ନିଜ ପରିବାର ସହ ପୁନର୍ମିଳନ କରିବାରେ ସଫଳ ହୋଇଛନ୍ତି । ଜିଲ୍ଲା ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମନ୍ୱୟରେ ପରିଚାଳିତ ଏହି ଅଭିଯାନ ଆଗାମୀ ଦିନରେ ଅନେକ ଅସହାୟଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରିବ ବୋଲି ମାନ୍ୟବର ବିଧାୟକ ମତ ପ୍ରକାଶ କରିଛନ୍ତି ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜିତ

ଭୁବନେଶ୍ୱର( ସ୍ୱ ପ୍ର): ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଗତ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ସରକାରଙ୍କ ୨୩ଟି ବିଭାଗରୁ ୨୨୦ରୁ ଉର୍ଦ୍ଧ୍ୱ ଅଧିକାରୀ ଯୋଗ ଦେଇଥିଲେ । ଓଡ଼ିଆ ଲିଖନ କୌଶଳ, ଓଡ଼ିଆ ବାକ୍ୟ ଗଠନ, ଓଡ଼ିଆରେ ଚିଠା ଓ ଟିପ୍ପଣୀ ପ୍ରସ୍ତୁତ, ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ ଏବଂ ଓଡ଼ିଆ ଭାଷାରେ ଆଦେଶନାମା ପ୍ରସ୍ତୁତି, ପ୍ରଶାସନିକ ଶବ୍ଦ ଚୟନ, ବନାନ ଶୁଦ୍ଧତା, ଇଂରାଜୀରୁ ଓଡ଼ିଆ ଅନୁବାଦ, କମ୍ପୁଟର ଓ ଓସ୍ୱାସ୍‌ରେ ସରକାରୀ କାର୍ଯ୍ୟ ସମ୍ପାଦନ ଆଦିକୁ ନେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯିବା ସହ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପ୍ରକାଶିତ ‘ପ୍ରଶାସନ ଶବ୍ଦକୋଷ‘, ‘ଆଫିସିକ ନଥି‘ ଏବଂ ‘ଓଡ଼ିଆ ପ୍ରଶିକ୍ଷଣ ପୁସ୍ତିକା‘ ଆଦି ପ୍ରଦାନ କରାଯାଇଥିଲା ।

ପ୍ରଶିକ୍ଷଣ ଶିବିରରେ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ପ୍ରଫେସର ପ୍ରଦୀପ୍ତ କୁମାର ବାରିକ, ପ୍ରଫେସର ହର ପ୍ରସାଦ ମିଶ୍ର, ଡକ୍ଟର ବୈଷ୍ଣବ ଚରଣ ମହାନ୍ତି ଏବଂ ସ୍ମୃତି ରଞ୍ଜନ ମିଶ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଦେବ ପ୍ରସାଦ ଦାଶ, ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଡ଼. ଅନନ୍ୟା ତ୍ରିପାଠୀଙ୍କ ସମେତ ଓଡ଼ିଆ ଭାଷା ପ୍ରତିଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ...

କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ । ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ...

ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ସାମାଜିକ ନ୍ୟାୟ ମଧ୍ୟ ପ୍ରଦାନ କରୁଛି । ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଚଂଳ, ଆଦିବାସୀ ସମ୍ପ୍ରଦାୟ, ସହରାଚଂଳ ଗରିବ ପରିବାର ଏବଂ ସାହାଯ୍ୟର ଆବଶ୍ୟକତା ଥିବା ସମସ୍ତ ମହିଳା ଓ ସେମାନଙ୍କ ପରିବାରଙ୍କୁ ସମର୍ଥନ କରିବା ଉପରେ ଧ୍ୟାନ ଦିଏ । କାରଣ ଆମର ଲକ୍ଷ୍ୟ ହେଉଛି, ବିକାଶ ଯାତ୍ରାରେ କେହି ପଛରେ ରହିବା ଉଚିତ୍ ନୁହେଁ । ଆମ ସରକାର କେବଳ ସୁଭଦ୍ରା ଯୋଜନାରେ ସୀମାବଦ୍ଧ ହୋଇ ରହିନାହାନ୍ତି । ଚଳିତ ବଜେଟରେ ରେକର୍ଡ ୮୯ହଜାର ୮୬୨ କୋଟି କେବଳ ମା'ମାନଙ୍କ ପାଇଁ ପ୍ରାବଧାନ କରାଯାଇଛି । ଏହି ପ୍ରାବଧାନ ମୋଟ ବଜେଟ ଆକାରର ପ୍ରାୟ ୩୦ପ୍ରତିଶତ । ସୁଭଦ୍ରା ଯୋଜନାରେ ଦିଆଯାଇଥିବା ତିନୋଟି କିସ୍ତିର ସହାୟତା ରାଶି ରାଜ୍ୟର ମହିଳାମାନଙ୍କ ଆର୍ଥିକ ମେରୁଦଣ୍ଡକୁ ମଜବୁତ୍ କରିବା ସହ ମହିଳାଙ୍କ ବିକାଶକୁ ଏକ ବଳ ଯୋଗାଇଛି । ଏହି ଧାରାକୁ ବଜାୟ ରଖିବା ସହ ସରକାର ପ୍ରତିଶ୍ରୁତିବଦ୍ଧ । ସୁଭଦ୍ରା ମାଧ୍ୟମରେ ଆମେ କେବଳ ମହିଳାମାନଙ୍କୁ ସଶକ୍ତ କରୁନାହିଁ ବରଂ ଶିକ୍ଷା, ଦକ୍ଷତା ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ ବୋଲି ସେ କହିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳା ଟିଏ ନିଜ ବଳରେ ନିଜର ଉଦ୍ୟମିତା ଆରମ୍ଭ କରିପାରେ ।

ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ ସମୃଦ୍ଧ ଓଡିଶା ଏବଂ ବିକଶିତ ଓଡିଶା ଗଠନ ହୋଇପାରିବ । ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଏବଂ ସହାୟତା ରାଶି ଚେକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ଶ୍ରୀ ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଏବଂ ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ ପ୍ରମୁଖ ମଂଚାସୀନ ଥିଲେ ।

# ସାରା ରାଜ୍ୟରେ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର ( ସ୍ୱ ପ୍ର): ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ର ୪ର୍ଥ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମାପ୍ତିସୂଚକ ଆକଳନ-୧ର ଉପଲବ୍ଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ ଓ ସମାପ୍ତିସୂଚକ ଆକଳନ-୨ (୧ମ ରୁ ୪ର୍ଥ ଏବଂ ୬ଷ୍ଠ ରୁ ୭ମ ଶ୍ରେଣୀ) ଏବଂ ବାର୍ଷିକ ପରୀକ୍ଷା (୫ମ ଓ ୮ମ ଶ୍ରେଣୀ) ୨୦୨୬ ପାଇଁ ପ୍ରସ୍ତୁତିରେ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଛି । ଏଥିସହ “ପଢ଼ିବା, ଗଢ଼ିବା ଓଡିଶା” - ପଠନ ପ୍ରୋତ୍ସାହନ ଅଭିଯାନ, ଶିକ୍ଷଣ ସୋପାନ ରେଜିଷ୍ଟର ଏବଂ ଛାତ୍ରଛାତ୍ରୀମାନଙ୍କର ପ୍ରଗତି ପରୀକ୍ଷଣ, ଡିଜିଟାଲ ଶିକ୍ଷା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଦାୟିତ୍ୱ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଯାଇଛି ।

ସେହିପରି ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬, “ପରୀକ୍ଷା ପେ ଚର୍ଚ୍ଚା”-୨୦୨୬, ବିଦ୍ୟାଳୟ ପରିବେଶକୁ ବୁଲା କୁକୁର ମୁକ୍ତ କରିବା ଓ ବୁଲା କୁକୁର କାମୁଡା ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ଏବଂ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଇତ୍ୟାଦି ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଏଠାରେ ପ୍ରକାଶ ଥାଉକି, ଅଭିଭାବକ-ଶିକ୍ଷକ ସମ୍ମିଳନୀ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଥାଏ । ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ବିକାଶ ତଥା ବିଦ୍ୟାଳୟର

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି